



# କର୍ମ ଗ୍ରନ୍ଥ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅନୁବାଦକ : **ରଘୁନାଥ ମାନସିଂହ**



ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46

ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000

ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ !!
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ !!
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଡ଼ିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ଼ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଝଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୂତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ,
ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଶ୍ଳୋକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର -
ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା
ନା ନେତି ମିଦା ରେଣ୍ଟୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ
ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । -
ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା,
ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ
ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ
ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ରଘୁନାଥ ମାନସିଂହ: 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ପ୍ରଶାନ୍ତ ପଟ୍ଟନାୟକ:9160767516.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801 ୬.ଶ୍ରୀନିବାସ ମାନସିଂହ : 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଲାଖେମୁଣ୍ଡି) : 8249683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

## ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଗ୍ରର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଗ୍ଲଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ | ପ୍ରଥମ ଦୈବଗ୍ରନ୍ଥ | ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା :** ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# କର୍ମ ଗ୍ରନ୍ଥ

କର୍ମ କାହାକୁ ପ୍ରତ୍ୟକ୍ଷ ଭାବରେ ଦେଖାଯାଏ ନାହିଁ । କର୍ମ ହିଁ ମର୍ମ । କର୍ମ ବାବଦରେ କାହାକୁ ଜଣା ନଥାଏ । କର୍ମ ନାମକ ଶବ୍ଦଟିକୁ ସମସ୍ତେ ତୁଣ୍ଡରେ ଧରୁଥିଲେ, କାନରେ ଶୁଣୁଥିଲେ ମଧ୍ୟ, ତାହା କାର୍ଯ୍ୟରୂପ ନେବାବେଳେ, କର୍ମ ଏଇଭଳି ଥିଲା ବୋଲି ବୁଝିହୁଏ । ସମସ୍ତେ ଜାଣି ପାରିବା ଭଳି କାର୍ଯ୍ୟଗୁଡିକ ହେଉଥାଏ । କର୍ମ ଏକ ଅଜଣା ଭାବ ହୋଇଥିବା ସ୍ଥଳେ, ସେହି କର୍ମ କାର୍ଯ୍ୟ ରୂପରେ ଦେଖାଯାଇଥାଏ, ତାପରେ ସେହି କର୍ମ ଅନୁଭବ ହୋଇଥାଏ । ଶାଶନ ସରକାରଙ୍କର ହୋଇଥିବା ସ୍ଥଳେ, ତାହା ପରିପାଳନା ରୂପରେ ଜଣାଯାଉଛି । ପାଳକମାନେ ପ୍ରଜାପାଳନ କରୁଥିବା ସ୍ଥଳେ, ପ୍ରଜାମାନେ ତାହା ଅନୁଭବ କରୁଛନ୍ତି, ଏକଥା ସମସ୍ତେ ଜାଣନ୍ତି । ସେହିଭଳି କର୍ମ ନାମକ ଶାସନର ଭାର ଶରୀରର ରାଜା ଆତ୍ମଙ୍କ ଉପରେ ନ୍ୟସ୍ତ ଥାଏ । କର୍ମ କାର୍ଯ୍ୟ ରୂପରେ ଜଣାପଡିଥାଏ । ଶରୀର ଅବୟବଗୁଡିକ କାର୍ଯ୍ୟ କରୁଥିବା ସ୍ଥଳେ, ଜୀବମାନେ ତାହା ଅନୁଭବ କରିଥାନ୍ତି ବୋଲି ଜଣାପଡୁଛି । ମୋଟାମୋଟି ଭାବରେ ସୁଖଦୁଃଖ ଅନୁଭବରୁ ଆସିଥାଏ, ଅନୁଭବ କାର୍ଯ୍ୟରୁ ଆସିଥାଏ, କାର୍ଯ୍ୟ କର୍ମରୁ ଜନ୍ମ ହୋଇଥାଏ ବୋଲି ଜଣାଯାଉଛି ।

ସୁଖ ଅନୁଭବ ସମୟରେ ତାହା କିଛି ସେକେଣ୍ଡ୍ କାଳ ବା କିଛି ମିନିଟ୍ କାଳ ରହିଥାଏ । ତାପରେ ତାହା ଶେଷ ହୋଇଯାଏ । ସୁଖ ଶେଷ ହୋଇଯାଉଥିବାରୁ ସେହି ସୁଖ ସମ୍ବନ୍ଧୀୟ କାର୍ଯ୍ୟ ଶେଷ ହୋଇଗଲା ବୋଲି ବୁଝିହୁଏ । ସେହିଭଳି କାର୍ଯ୍ୟ ଶେଷ ହୋଇଯାଇଛି ଅର୍ଥାତ୍ ତା ସମ୍ବନ୍ଧୀୟ କର୍ମ ମଧ୍ୟ ଶେଷ ହୋଇଯାଇଛି । ସୁଖ ସମ୍ବନ୍ଧୀୟ କାର୍ଯ୍ୟ ମଣିଷକୁ ଜଣା ପଡିବା ଭଳି ଶେଷ ହେଉଛି ସିନା, ତା ସମ୍ବନ୍ଧୀୟ କର୍ମ ଶେଷ ହୋଇଗଲା ବୋଲି ଦେଖାଯାଉ ନାହିଁ । କର୍ମ କେବଳ ଏକ ବିଶ୍ୱାସ । ତାର କାର୍ଯ୍ୟ ମଧ୍ୟ ସତ୍ୟ ଏବଂ ଅନୁଭବ ପ୍ରତ୍ୟକ୍ଷ । କର୍ମ ଦ୍ୱାରା କାର୍ଯ୍ୟ ହୋଇଥାଏ, ପ୍ରତ୍ୟେକ

କାର୍ଯ୍ୟର ମୂଳ ହେଉଛି କର୍ମ । ହେବାକୁ ଥିବା କାର୍ଯ୍ୟର କର୍ମ ମଣିଷର ମୁଣ୍ଡରେ ରହିଥାଏ । ହୋଇଯାଇଥିବା କାର୍ଯ୍ୟର କର୍ମ ଶେଷ ହୋଇଯାଇଛି । କାର୍ଯ୍ୟଟିଏ ହେଉଥିବା ବେଳେ ମଧ୍ୟ କର୍ମ ଶେଷ ହେଉଛି । ବାସ୍ତବ କଥାକୁ ବୁଝିଲେ କାର୍ଯ୍ୟ ଅନୁସାରେ କର୍ମ ହୁଏ ନାହିଁ, କର୍ମ ଅନୁସାରେ କାର୍ଯ୍ୟ ହୋଇଥାଏ, ଏହି ବାକ୍ୟଟି ମନେ ରଖିବା ଉଚିତ୍ । ଅମଳ (ଅନୁଭବ) ହେବାକୁ ରହିଥିବା କର୍ମକୁ ଭବିଷ୍ୟତ କାଳ କହୁଛେ, ଅମଳ ହୋଇସାରିଥିବା କର୍ମକୁ ଭୂତକାଳ କହୁଛେ । ସେହିଭଳି ହେଉଥିବା କର୍ମକୁ ବର୍ତ୍ତମାନ କାଳ କହୁଛେ । ଏହାକୁ ହିଁ ଆମେ କଥା ପ୍ରସଙ୍ଗରେ ଭୂତ, ଭବିଷ୍ୟ, ବର୍ତ୍ତମାନ ନାମରେ କହୁଛେ । ଏହି ତିନି କାଳ କର୍ମର ସ୍ଥିତିକୁ ଜଣାଇଥାଏ । ବର୍ତ୍ତମାନ କାଳ ଏବେ ଅନୁଭବ ହେଉଥିବା ସ୍ଥଳେ, ଭୂତକାଳଟି ଘଟିଯାଇଥିବା ସତ୍ୟ ହୋଇ ରହିଛି, ଭବିଷ୍ୟତରେ କଣ ଘଟିବ କାହାକୁ ଜଣା ନାହିଁ, ଭବିଷ୍ୟତ ଅନ୍ଧକାର ସ୍ୱରୂପ, କିନ୍ତୁ ସେହିଭଳି ଅନ୍ଧକାରକୁ ଜ୍ଞାନ ନାମକ ଜ୍ୟୋତି ଦ୍ୱାରା ଜଣାଯାଇ ପାରିବ, ସେହି ଅନୁଶାସନକୁ ଆମ ରଚନାର **"ଜ୍ୟୋତିଷ୍ୟ ଶାସ୍ତ୍ର"** ନାମକ ଗ୍ରନ୍ଥରେ ଲେଖିଛୁ ।

ଭବିଷ୍ୟତ ଅନ୍ଧକାର କହିବା ଭଳି, କର୍ମକୁ ମର୍ମ କହିପାରିବା । ମର୍ମ କହିଲେ ଯାହା ଜଣା ନଯାଇ ରହସ୍ୟ ଭାବରେ ରହିଛି । ଅନ୍ଧକାର କହିଲେ ଯେତେବେଳେ କିଛି ଦେଖାଯାଇ ନଥାଏ । ବାହ୍ୟ ଜ୍ଞାନେନ୍ଦ୍ରିୟ ହୋଇଥିବା ଆଖିକୁ, ଅନ୍ତେରେନ୍ଦ୍ରିୟ ହୋଇଥିବା ବୁଦ୍ଧିକୁ ମଧ୍ୟ କର୍ମ ଜଣାପଡି ନଥାଏ । କର୍ମ କାହାପାଇଁ ମର୍ମ ? ବୋଲି ପ୍ରଶ୍ନକଲେ, ଯିଏ କର୍ମକୁ ଅନୁଭବ କରିଥାଏ ତାପାଇଁ କର୍ମ ମର୍ମ ହୋଇ ରହିଛି ବୋଲି କହିପାରିବା । କର୍ମ ନାମକ ଶବ୍ଦକୁ ନାସ୍ତିକବାଦୀମାନେ, ହେତୁବାଦୀ ବୋଲି ନାମିତ ହୋଇଥିବା ନାସ୍ତିକମାନେ, ସତ୍ୟାନ୍ୱେଷୀ ବୋଲି କହିହେଉଥିବା ନାସ୍ତିକବାଦୀମାନେ ସ୍ୱୀକାର କରନ୍ତି ନାହିଁ । କେତେକ ସମାଜର ଲୋକମାନେ କର୍ମକୁ ବିଶ୍ୱାସ କରିନଥାନ୍ତି, ସେମାନେ କର୍ମକୁ କଳ୍ପିତ କହିଥାନ୍ତି, କର୍ମ ଜ୍ଞାନ ସମ୍ବନ୍ଧୀୟ

ନୁହେଁ ବୋଲି ଯୁକ୍ତି କରିବା ସହିତ କର୍ମ ବୋଲି କଥାପ୍ରସଙ୍ଗରେ କହୁଥିବା ଯୋଗୀମାନଙ୍କୁ, ଜ୍ଞାନୀମାନଙ୍କୁ ଅବମାନନା କରି, ଦୈବଜ୍ଞାନର ନିନ୍ଦା କରିଥାନ୍ତି । ସେହିଭଳି ଲୋକମାନେ ଯଦି କର୍ମ ବାବଦରେ ପ୍ରଶ୍ନ କରନ୍ତି ସେମାନଙ୍କୁ ଉତ୍ତର ଦେବାପାଇଁ ଆମେ ଭାବିଛୁ, ତେଣୁ କର୍ମ ବାବଦରେ, ଜ୍ଞାନ ବାବଦରେ ଅଯଥା ଯୁକ୍ତି କରୁଥିବା ଲୋକମାନଙ୍କୁ ନଛାଡି, ସେମାନଙ୍କ ପାଖକୁ ଆମେ ଯାଇ, ସେମାନେ ପଚାରୁଥିବା ପ୍ରତ୍ୟେକ ପ୍ରଶ୍ନର ସମାଧାନ କରିବାପାଇଁ ଚେଷ୍ଟାକରୁଛୁ । ଦେଖାଯାଉନଥିବା ଅନ୍ଧାର ଭଳି, ଜଣାନଥିବା ମର୍ମ ଭଳି ଥିବା କର୍ମ ବାବଦରେ ସମସ୍ତଙ୍କୁ ଜଣାଇବା ଆମର କର୍ତ୍ତବ୍ୟ ଭାବି ନାସ୍ତିକମାନେ ପଚାରୁଥିବା ପ୍ରଶ୍ନର ସମାଧାନ କରିଆସୁଛି । କେଉଁଠି କେମିତି କେତେକ ସନ୍ଦର୍ଭରେ ନାସ୍ତିକମାନେ ପଚାରିଥିବା ପ୍ରଶ୍ନ ଏବଂ ଆମ ସମାଧାନ ନିମ୍ନମତେ ଦେଖନ୍ତୁ ।

**୧) ପ୍ରଶ୍ନ:-** ଭଗବଦ୍ଗୀତାରେ ଶ୍ରୀକୃଷ୍ଣ କହିଥିବା କର୍ମ, ବାଇବେଲରେ ଯୀଶୁ କହିଥିବା ପାପ, କୋରାନରେ  ଜିବ୍ରାଇଲ କହିଥିବା କର୍ମଗ୍ରନ୍ଥ ନାମକ ଶବ୍ଦଗୁଡିକ କଣ ଅଲଗା ଅଲଗା ? ନା ସବୁଗୁଡିକର ଭାବ ଗୋଟିଏ ?

**ସମାଧାନ:-** ଭଗବଦ୍ଗୀତା ହେଉଛି ସୃଷ୍ଟି ପ୍ରାରମ୍ଭରେ ଆକାଶବାଣୀ ଦ୍ୱାରା ସୂର୍ଯ୍ୟଙ୍କୁ କୁହାଯାଇଥିବା ଜ୍ଞାନ, ସେହି ଜ୍ଞାନକୁ ୫୧୫୧ ବର୍ଷ ପୂର୍ବେ ଶ୍ରୀକୃଷ୍ଣ ଭଗବଦ୍ଗୀତା ଭାବରେ, ଦୁଇହଜାର ୨୦୧୩ ପୂର୍ବେ ଯୀଶୁ ବାଇବେଲ ଭାବରେ, ୧୪୦୦ ବର୍ଷ ପୂର୍ବେ ଜିବ୍ରାଇଲ କୋରାନ ଭାବରେ କହିଛନ୍ତି । କେହିବି କୁହନ୍ତୁ ସେସବୁ ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ, ସ୍ୱତନ୍ତ୍ର ଭାବରେ ସୃଷ୍ଟି ଆଦିରେ ସୂର୍ଯ୍ୟଙ୍କୁ କୁହାଯାଇଥିବା ଜ୍ଞାନ ହିଁ ତିନିଗୋଟି ସନ୍ଦର୍ଭରେ କୁହାଯିବା ଦ୍ୱାରା, କର୍ମ, ପାପ, କର୍ମଗ୍ରନ୍ଥ ବୋଲି କହିଲେ ମଧ୍ୟ ସେସବୁ ଗୀତାରେ କୁହାଯାଇଥିବା କର୍ମ ବୋଲି ଜାଣିବା ଉଚିତ୍ । କର୍ମ ନାମକ ଶବ୍ଦ ଗୋଟିଏ ହେଲେ ମଧ୍ୟ, ସେମାନଙ୍କର ଭାଷା, ଭାବ ଅନୁସାରେ ଗୋଟିଏ

ସନ୍ଦର୍ଭରେ କର୍ମ, ଆଉଗୋଟିଏ ସନ୍ଦର୍ଭରେ ପାପ, ଅନ୍ୟଏକ ସନ୍ଦର୍ଭରେ କର୍ମଗ୍ରନ୍ଥ କହିଛନ୍ତି । କେତେକ ସନ୍ଦର୍ଭରେ ନାଆଁ ବଦଳିଥିଲେ ମଧ୍ୟ, ସେଗୁଡିକରେ ଶ୍ରୀକୃଷ୍ଣ ଗୀତାରେ କହିଥିବା ଭାବ ହିଁ ରହିଛି । କେତେକ କର୍ମକୁ ଭୁଲ୍ ବୁଝି, ସେମାନଙ୍କ ମୁଣ୍ଡରେ ପ୍ରବେଶ କରିଥିବା ଭାବରେ ହିଁ ସେମାନେ ଅଟକି ଯାଉଛନ୍ତି, ତାହାକୁ ଭ୍ରାନ୍ତଧାରଣା କୁହାଯାଏ । ଭ୍ରାନ୍ତ ଧାରଣା ପାଇଥିବାରୁ, ଅର୍ଥ ବଦଳିଯାଇ, ସେମାନଙ୍କ ଭାବରେ ଭିନ୍ନ ଅର୍ଥ ରହିଯାଇଥାଏ । ପରମାତ୍ମା ଜ୍ଞାନ ବା ଈଶ୍ୱରଙ୍କ ବାବଦରେ ଥିବା ଜ୍ଞାନକୁ ଜାଣିବାରେ ପ୍ରତ୍ୟେକଙ୍କର ଭିନ୍ନ ଅଭିପ୍ରାୟ ଯଦିଓ ଆସିଥାଏ, ତାହା ସେମାନଙ୍କର ଭ୍ରାନ୍ତ ଧାରଣା ବୋଲି କହିପାରିବା ।

**୨) ପ୍ରଶ୍ନ:-** ଯେଉଁମାନେ ଚତୁର ନୁହନ୍ତି ସେମାନଙ୍କର ଭ୍ରାନ୍ତଧାରଣା ଥାଏ କହିଲେ ଅତ୍ୟୁକ୍ତି ହୋଇନଥାଏ । ହେଲେ ଚତୁର, ମେଧାବୀ, ଉନ୍ନତ ପଦବୀଧାରୀମାନେ ଐଶ୍ୱରୀୟ ବିଷୟରେ ସମ୍ପୂର୍ଣ୍ଣ ବ୍ୟତିରେକ ରହି, ଈଶ୍ୱର ନାହାନ୍ତି ବୋଲି କହିଥାନ୍ତି । ଅଳସୁଆମାନେ ଈଶ୍ୱର, ଐଶ୍ୱରୀୟ ଜ୍ଞାନ ଏସବୁ ବୃଥା ବିଷୟ, ଏସବୁ ଖାଲି ଟାଇମ୍‌ପାସ୍ ପାଇଁ ଅଛି ବୋଲି କହିଥାନ୍ତି, ହେଲେ କେତେକ ଚତୁରମାନେ ମଧ୍ୟ ଈଶ୍ୱର ନାହାନ୍ତି ବୋଲି କହିଥାନ୍ତି । ଆଉ କେତେକ ସ୍ଥାନରେ ସେଭଳି ନୁହେଁ ଈଶ୍ୱର ଏହିଭଳି ରହିଥାନ୍ତି ବୋଲି କିଛିଲୋକ କହିବା ବେଳେ, ମୋଟ ଉପରେ ଆମ ଧର୍ମ ବ୍ୟତୀତ ଆଉ କୌଣସି ଧର୍ମରେ ଜ୍ଞାନ ନାହିଁ କି ଈଶ୍ୱର ନାହାନ୍ତି ବୋଲି କିଛିଲୋକ କହିଥାନ୍ତି । ପରମାତ୍ମା ବା ଈଶ୍ୱରଙ୍କ ବାବଦରେ ସମସ୍ତଙ୍କର କାହିଁକି ଏକାଭିପ୍ରାୟ ନଥାଏ ? କଣ ଏଠାରେ ସମସ୍ତେ ଭ୍ରାନ୍ତ ଧାରଣା ପାଇଛନ୍ତି ବୋଲି କହିବା ?

**ସମାଧାନ:-** ଭ୍ରାନ୍ତଧାରଣା ଏକ ବ୍ୟାଧି ଭଳି । ଗୋଟିଏ ବ୍ୟାଧି ଇଏ ଚତୁର, ସିଏ ନିର୍ବୋଧ ବୋଲି ନଦେଖି ଯେମିତି ସମସ୍ତଙ୍କୁ ଆକ୍ରମଣ କରେ, ସେହିଭଳି ଭ୍ରାନ୍ତ ଧାରଣା ନିର୍ବୋଧମାନଙ୍କ ବ୍ୟତୀତ ମେଧାବୀମାନଙ୍କୁ ମଧ୍ୟ

ରୋଗ ଭଳି ଆକ୍ରମଣ କରିଥାଏ । ସ୍ୱତନ୍ତ୍ର ଭାବରେ ଐଶ୍ୱରୀୟ ବିଷୟରେ କୌଣସି ବ୍ୟକ୍ତି ମଧ୍ୟ ଭ୍ରାନ୍ତ ଧାରଣା ପାଇପାରେ । କେତେବଡ ଧନବାନ ହେଉ, ଗରିବ ହେଉ, ବିବେକୀ ହେଉ, ଅବିବେକୀ ହେଉ, ପଣ୍ଡିତ ବା ମୁର୍ଖ ହେଉ ସମସ୍ତେ ଐଶ୍ୱରୀୟ ବିଷୟରେ ଭ୍ରାନ୍ତ ଧାରଣା ପାଇଥାନ୍ତି । କେତେକ କ୍ଷେତ୍ରରେ ଜ୍ଞାନୀମାନେ, ଅଜ୍ଞାନୀମାନେ, ଜ୍ଞାନବୋଧ କରୁଥିବା ଲୋକମାନେ ମଧ୍ୟ ଭ୍ରାନ୍ତ ଧାରଣା ପାଇଥିବା ଦେଖାଯାଏ । ମୁଖ୍ୟତଃ ଧ୍ୟାନ ଦେବା ବିଷୟ ହେଉଛି ! ଭ୍ରାନ୍ତ ଧାରଣା ପ୍ରତ୍ୟେକ ବିଷୟରେ କିମ୍ବା ପ୍ରତ୍ୟେକ ସନ୍ଦର୍ଭରେ ନରହି ମାତ୍ର କେଇଗୋଟି ବିଷୟରେ, ମାତ୍ର କେଇଗୋଟି ସନ୍ଦର୍ଭରେ ରହିଥାଏ । ଗୋଟିଏ ବିଷୟକୁ ଶହେଜଣ ଲୋକେ ଏକ ସମୟରେ ଶୁଣୁଥିବା ବେଳେ, ସମସ୍ତଙ୍କୁ ଗୋଟିଏ ଭାବରେ ବୁଝାପଡୁ ନଥିବାରୁ, ଗୋଟିଏ ବିଷୟକୁ ସମସ୍ତେ ଶୁଣୁଥିଲେ ମଧ୍ୟ ସମସ୍ତଙ୍କର ଅଭିପ୍ରାୟ ସମାନ ନଥାଏ । ଶହେଜଣ ଲୋକଙ୍କ ଭିତରୁ କାହାର ଧାରଣା ଉଚିତ୍ ଧାରଣା, କିଏ ସଠିକ୍ ବୁଝି ନାହିଁ ତାହା କେବଳ ସେଠାରେ ସେହି ଶହେ ଜଣ ଲୋକଙ୍କୁ କହୁଥିବା ବ୍ୟକ୍ତି ହିଁ ଜାଣିଥାଏ, ତା ବ୍ୟତୀତ ଅନ୍ୟ କାହାକୁ ମଧ୍ୟ ଜଣାନଥାଏ । କହିଥିବା ବ୍ୟକ୍ତି କେଉଁ ଉଦ୍ଦେଶ୍ୟ ନେଇ କହିଛି, ଶୁଣିଥିବା ବ୍ୟକ୍ତିକୁ କେଉଁ ବିଷୟ ବୁଝାପଡିଛି, ତାହା କହିଥିବା ବ୍ୟକ୍ତିକୁ ହିଁ ଜଣାଥାଏ । କେଉଁମାନେ ଭ୍ରାନ୍ତ ଧାରଣା ପାଇଛନ୍ତି ତାହା କେବଳ କହିଥିବା ବ୍ୟକ୍ତି କହିପାରିବ । କାରଣ ! ଯାହା କୁହାଯାଇଛି ତାହା କହିଥିବା ବ୍ୟକ୍ତିକୁ ଜଣାଥାଏ । ତେଣୁ ଶୁଣୁଥିବା ବ୍ୟକ୍ତିର ଭାବ ଠିକ୍ କି ଭୁଲ୍ ତାହା କହିଥିବା ବ୍ୟକ୍ତି ହିଁ ଜାଣିପାରିବ । ଏହା ଏକ ସୂତ୍ର ।

**୩) ପ୍ରଶ୍ନ:-** ଧାରଣା କହିଲେ କ'ଣ ?

**ସମାଧାନ:-** କହୁଥିବା ବ୍ୟକ୍ତି ଯେଉଁ ଉଦ୍ଦେଶ୍ୟରେ କହୁଛି ସେହି ଉଦ୍ଦେଶ୍ୟକୁ ସଠିକ୍ ଗ୍ରହଣ କରିବାକୁ ଧାରଣା କୁହାଯାଏ । କହୁଥିବା ବ୍ୟକ୍ତିର ଭାବ, ଶୁଣୁଥିବା ବ୍ୟକ୍ତିର ଭାବ ଦୁଇଟିଯାକ ସମାନ ଥିବାବେଳେ ଶୁଣୁଥିବା

ବ୍ୟକ୍ତି ସଠିକ୍ ଗ୍ରହଣ କଲା ବା ବୁଝିଲା ବୋଲି କହୁଛେ । ଆଉ ଟିକିଏ ବିସ୍ତାର କରି କହିଲେ ପ୍ରଥମେ କହିଥିବା ବ୍ୟକ୍ତି ଗୋଟିଏ ବିଷୟ ତାର ଭାବରେ ତାକୁ ଯାହା ଜଣାଅଛି ତାହା ସେ ଶତପ୍ରତିଶତ ବୁଝାଇଲା ବୋଲି ଭାବିବା । ବୁଝାଇବା ବା ବୋଧ କରାଇବା ବିଷୟ 'କଥା' ରୂପରେ କିମ୍ବା 'ଲେଖା' ରୂପରେ ରହିଥାଏ । ଜଣେ ବ୍ୟକ୍ତିକୁ ଯାହା ଜଣାଅଛି ତାହା ସେ ସମ୍ପୂର୍ଣ୍ଣ କହିଦେବାକୁ ଶତପ୍ରତିଶତ  ପ୍ରକଟିତ  କଲା ବା ସମ୍ପୂର୍ଣ୍ଣ କହିଲା ବୋଲି କହନ୍ତି । ଏପରି ତାକୁ ଯାହା ଜଣାଅଛି ସେ ତାହା ଯେଉଁ ରୂପରେ ବ୍ୟକ୍ତକଲେ ମଧ୍ୟ, ତାହା ଶତ ପ୍ରତିଶତ ବ୍ୟକ୍ତକଲା ବୋଲି କହିପାରିବା । କଥାରୂପରେ କୁହାଯାଇଥିବା ବିଷୟ ହେଉ, ଲେଖାରୂପରେ ଲେଖାଯାଇଥିବା ବିଷୟ ହେଉ, ଶୁଣୁଥିବା ବ୍ୟକ୍ତି ବା ପଢୁଥିବା ବ୍ୟକ୍ତି କେତେ ପ୍ରତିଶତ ଗ୍ରହଣ କରିଛି, ତାହା ତା'ର ସେତିକି ପ୍ରତିଶତ ଧାରଣା ହୋଇଛି ବୋଲି କହିପାରିବା । କୌଣସି ବିଷୟ ହେଉ, ଖୁବ୍ କମଲୋକ ଶତ ପ୍ରତିଶତ ଗ୍ରହଣ କରିପାରନ୍ତି । ଶୁଣୁଥିବା କଥା ହେଉ ବା ପଢୁଥିବା କଥା ହେଉ କେହି ଶତପ୍ରତିଶତ ଗ୍ରହଣ କରିପାରି ନଥାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିଜ ନିଜର ଗ୍ରହଣ ଶକ୍ତି ଅନୁସାରେ କେତେକ ଶତକଡା ୯୦, କେତେକ ଶତକଡା ୮୦, କେତେକ ଶତକଡା ୭୦ ଏହିଭଳି ବିଭିନ୍ନ ସ୍ଥିତିରେ ଗ୍ରହଣ କରିଥାନ୍ତି । ୯୯ ପ୍ରତିଶତରୁ ୯ ପ୍ରତିଶତ ପର୍ଯ୍ୟନ୍ତ ଗ୍ରହଣ କରିପାରୁଥିବା ଲୋକମାନେ ଅଛନ୍ତି ବୋଲି ଶୁଣି ଆଶ୍ଚର୍ଯ୍ୟହେବା ଆବଶ୍ୟକ ନାହିଁ । ୧୦୦ ରୁ ୧୦୦ ପ୍ରତିଶତ ଗ୍ରହଣ କରିପାରିବା କ୍ଷମତା ଥିବା ଲୋକମାନେ ମଧ୍ୟ ଅଛନ୍ତି ବୋଲି ଆଗରୁ କହିଛୁ । କେତେକ ବିଷୟରେ କେହି ଜଣେ ମଧ୍ୟ ସଠିକ ବୁଝିପାରି ନଥାନ୍ତି । କେତେକ ବିଷୟ ସମ୍ପୂର୍ଣ୍ଣ ଦ୍ୱନ୍ଦ ଅର୍ଥରେ ରହିଥାଏ । ଉଦାହରଣ ଜୀବ, ଗାଈ, ଗନ୍ଧ, ବୁଲୁ ଇତ୍ୟାଦି ଗୋଟିଏ ଅର୍ଥ ନ ସୂଚାଇ ଦୁଇ ଦୁଇଟି ଅର୍ଥ ସୂଚିତ କରୁଥିବାରୁ, ଏହାକୁ ଶୁଣିବା ବେଳେ ସନ୍ଦର୍ଭାନୁସାରେ ବୁଝିବାକୁ ହୋଇଥାଏ; ନଚେତ ସମ୍ପୂର୍ଣ୍ଣ ଅର୍ଥ ଅଲଗା ହୋଇଯାଇଥାଏ ।

ମା' କହିଲେ ସନ୍ତୋଷ ! ଦୋକାନରୁ ଯାଇ ଏକକେଜି ସଲ୍ଟ ପ୍ୟାକେଟ୍ ନେଇଆସ୍ । ଡେରି ନକରି ସନ୍ତୋଷ ଦୋକାନକୁ ଗଲା ଏବଂ ଏକ କେଜି ଜାଇ ଓ ଗୋଟିଏ ସଲ୍ଟ ପ୍ୟାକେଟ୍ ନେଇଆସିଲା । ମା' ଦେଖି ସନ୍ତୋଷକୁ କହିଲେ ଆରେ ବୋକା (ନିର୍ବୋଧ) ! ତୋତେ ଦୋକାନକୁ ଯାଇ ସଲ୍ଟ ପ୍ୟାକେଟ୍ ଆଣିବାକୁ କହିଥିଲି । ତୁ ସଲ୍ଟ ପ୍ୟାକେଟ ସହିତ ଏକ କେଜି ଜାଇ ମଧ୍ୟ ଆଣି ଆସିଛୁ ! ଏଠାରେ ସନ୍ତୋଷର ଧାରଣା କିପରି ଭ୍ରାନ୍ତ ଧାରଣା ହୋଇଛି ଆପଣ ସହଜରେ ବୁଝିପାରୁଥିବେ । ସେହିଭଳି କଥା ପ୍ରସଂଗରେ ଦୁଇଜଣ କଥା ହେଉଥିଲେ । ପ୍ରଥମ ବ୍ୟକ୍ତି ଦ୍ୱିତୀୟ ବ୍ୟକ୍ତିକୁ କହୁଥିଲା ଯେ, ମାଧବ ମିଛ କଥାଟା କହି ତାଙ୍କ ଘର ଭାଙ୍ଗିଦେଲା, ଏକଥା ଶୁଣୁଥିବା ଅଳ୍ପବୁଦ୍ଧିଆ ମଣ୍ଟୁ, ମିଛ କହିଦେଲେ ଏତେବଡ ଘରଟା କେମିତି ଭାଙ୍ଗିଯିବ ! ଭାବି ଆଶ୍ଚର୍ଯ୍ୟ ହୋଇଗଲା । ଘର ଭାଙ୍ଗିବା ପଦକୁ ମଣ୍ଟୁ ସ୍ଥୁଳ ଅର୍ଥରେ ବୁଝିଥିଲା ସିନା, ମାଧବର କଥାରେ ସେହି ଘରେ କଳିଗୋଳ ହୋଇ ଘରର ଲୋକମାନେ ଏକତ୍ର ବଞ୍ଚିବା ଛାଡି ଯାହା ଇଚ୍ଛାରେ ଯିଏ ଜୀବନ ବଞ୍ଚିବା ଆରମ୍ଭକଲେ ବୋଲି ବୁଝିପାରିଲା ନାହିଁ । ଏହିଭଳି ଅନେକ ସନ୍ଦର୍ଭରେ ଥିବା ଭାବକୁ ଛାଡି ଆଉଏକ ଭାବରେ ପ୍ରବେଶ କରିଯିବା ଦୁର୍ଯୋଗ ରହିଛି । ଯଦି କଥାଟିଏ ହୋଇଥାଏ ସେଥିରୁ ଭୁଲକୁ ସହଜରେ ଜାଣିହୁଏ ସିନା, ଲେଖାଯାଇଥିବା କଥାରୁ ଏତେ ସହଜରେ ଭୁଲ୍ ଜାଣିହୋଇ ନଥାଏ । ଉଦାହରଣ ସ୍ୱରୂପ ଗୋଟିଏ ବାକ୍ୟକୁ ଲକ୍ଷ୍ୟ କରନ୍ତୁ, ବାକ୍ୟଟି ହେଉଛି ! "ସେ ସମୟରେ ଗଭୀର ମନନ କରିବା ଉଚିତ୍" । ଏଠାରେ ଗଭୀର ଭାବରେ ଆଲୋଚନା କରିବା ଉଚିତ୍ ବୋଲି ଯଦି ବାକ୍ୟର ପ୍ରକୃତ ଭାବ ହୁଏ; ତଥାପି ଗଭୀର ଭାବରେ ଇଚ୍ଛା ନ କରିବା ଉଚିତ୍ ବା ମନ ନ କରିବା ବୋଲି ଭିନ୍ନ ଭାବରେ ବୁଝିହେବ । କୌଣସି ବିଷୟ ଗ୍ରହଣ କରିବାବେଳେ ବୁଦ୍ଧିର ଥିବା ଶକ୍ତିକୁ ଗ୍ରାହ୍ୟଶକ୍ତି, ଗ୍ରାହିତଶକ୍ତି, ମେଧାଶକ୍ତି କିମ୍ବା ଧୀଶକ୍ତି ବୋଲି କହୁଛେ, ଏହି ଶକ୍ତି ହିଁ ଧାରଣ ଶକ୍ତି ।

**୪) ପ୍ରଶ୍ନ :-** କେତେକ କୌଣସି ଗ୍ରନ୍ଥ ପଢିବା ବେଳେ, ପ୍ରଥମଥର ପଢି ମଧ୍ୟ କେଉଁ ଫର୍ଦ୍ଦରେ କଣ ଅଛି କହିଦେଇ ପାରନ୍ତି, କୌଣସି ଶ୍ଳୋକ ହେଉ ଥରେ ପଢିଦେଇ ବିନ୍ଦୁ ବିସର୍ଗ ମଧ୍ୟ ନଛାଡି କହିପାରନ୍ତି । ଥରେ ଶୁଣି କିମ୍ବା ଥରେ ପଢି ଯେଉଁମାନେ ସମ୍ପୂର୍ଣ୍ଣ ଗ୍ରହଣ କରିପାରନ୍ତି ସେମାନଙ୍କୁ "ମେଧାବୀ" କୁହାଯାଏ । ମେଧାବୀମାନେ ଥରେ ଶୁଣି କିମ୍ବା ଥରେ ପଢି ନିଜ ଭିତରେ ଗ୍ରହଣ କରି ରଖିପାରନ୍ତି । ଏଭଳି ମେଧାବୀମାନେ ଅନେକ ଥାଆନ୍ତି, ଏମାନେ ତ ଶତପ୍ରତିଶତ ଗ୍ରହଣ କରନ୍ତି !

**ସମାଧାନ :-** ଗୋଟିଏ ଥର ପଢି କିମ୍ବା ଶୁଣି ଗ୍ରହଣ କରିଥିବା ମେଧାବୀମାନେ ରହିଛନ୍ତି ସତକଥା । ଏହା ସେମାନଙ୍କର ମହାନତା ହେଲେ ମଧ୍ୟ ତାହା ସ୍ଥୁଳ ଧାରଣା ହୋଇଥାଏ ସିନା ସୂକ୍ଷ୍ମ ଧାରଣା ନୁହେଁ ବୋଲି କହିପାରିବା । ପଢିଥିବା ବିଷୟକୁ, ଶୁଣିଥିବା ଭାଷାକୁ ସ୍ଥୁଳ ଭାବରେ ଗ୍ରହଣ କରି ତାହା ନିଜର ସ୍ମୃତିରେ ରଖି ପୁଣିଥରେ କହିପାରୁଥିବା ବ୍ୟକ୍ତିମାନେ ଅନେକ ରହିଥାନ୍ତି । ଏହା ସତକଥା । ଥରେ ଶୁଣିଥିଲେ କିମ୍ବା ଦେଖିଥିଲେ ତାହା ସେମାନେ ମନେରଖି ପରେ କହିପାରନ୍ତି, କିନ୍ତୁ ସେମାନଙ୍କର ଯେ, ଗ୍ରହଣ କରିବା ଶକ୍ତି ବା ଧାରଣା ଶକ୍ତି ଅଛି ବୋଲି ଭାବିବା ଭୁଲ୍ ହୋଇପାରେ । କାରଣ ! ସେମାନଙ୍କର ସ୍ମୃତିଶକ୍ତି ରହିଛି ସିନା ଜ୍ଞାନକରିବା ଶକ୍ତି ନାହିଁ । ଗୋଟିଏ ବିଷୟ ଶୁଣିବା, ପଢିବା ପରେ ସେହି ବିଷୟକୁ ପୁଣିଥରେ କିଛି ଭୁଲ୍ ନକହି ଟିକିନିଖି କହିପାରୁଥିବା ବ୍ୟକ୍ତିର ଉନ୍ନତ ଧାରଣା ଶକ୍ତି ଅଛି ବୋଲି କହିପାରିବା ନାହିଁ । ସ୍ଥୁଳ ଭାବରେ ଥିବା ବିଷୟକୁ ଟିକିନିଖି କହିପାରିଲେ ମଧ୍ୟ ସୂକ୍ଷ୍ମ ଭାବରେ ଥିବା ବିଷୟ ସ୍ଥୁଳ ଭାବ ସହିତ ସମାନ ନୁହେଁ ବୋଲି କହିପାରିବା । ଏହିଭଳି ଲୋକମାନେ ଭାଷାକୁ ଆଧାର କରି ରହିଥାନ୍ତି ସିନା ଭାବ ଉପରେ ଆଧାର କରିନଥାନ୍ତି । କିଛି ବି ହେଉ, ସେଥିରେ ଭାଷା ନୁହେଁ ଭାବ ମୁଖ୍ୟ ହୋଇଥାଏ । ଭାବ ନଥିବା ଭାଷା, କିମ୍ବା ବିଦ୍ୟାକୁ ଯେତେ ସୁନ୍ଦର ପ୍ରଦର୍ଶନ କରିପାରିଲେ ମଧ୍ୟ ତାହା ଅଳଙ୍କାର

ଦାୟକ ହୋଇଥାଏ ସିନା ଆନନ୍ଦ ଦାୟକ ହୋଇନଥାଏ । ସତକଥା କହିଲେ ଭାବ ନଥିବା ଧାରଣା ପ୍ରାଣ ନଥିବା ଶରୀର ଭଳି । ସର୍ବସାଧାରଣ ଭାବରେ ଭୌତିକ ବିଷୟରେ ଥିବା ଭାବକୁ ଯେଉଁମାନେ ଭୁଲ୍ ବୁଝିଥାନ୍ତି ସେମାନେ ଐଶ୍ୱରୀୟ ଜ୍ଞାନ ବିଷୟରେ ସମ୍ପୂର୍ଣ୍ଣ ଭୁଲ୍ ବୁଝିପାରନ୍ତି । ତେଣୁ ଗ୍ରହଣଶକ୍ତି ଯେତେ ଅଧିକ ଥିଲେ ହେଁ ଐଶ୍ୱରୀୟ ସୂକ୍ଷ୍ମତାକୁ ବୁଝିନପାରି କେତେକ ବୁଝିଯାଇଛନ୍ତି ବୋଲି ବିଶ୍ୱାସ କରିଥାନ୍ତି ।

**୫) ପ୍ରଶ୍ନ :-** କର୍ମ ବିଷୟ ବ୍ରହ୍ମବିଦ୍ୟା ଶାସ୍ତ୍ରରେ ମୁଖ୍ୟ ବିଷୟ ହୋଇଥିଲେ ମଧ୍ୟ, ଗ୍ରନ୍ଥର ଜ୍ଞାନକୁ ଯେଉଁମାନେ ମନେ ରଖି କହିପାରନ୍ତି ସେମାନଙ୍କୁ କ'ଣ କର୍ମର ସୂକ୍ଷ୍ମତା ବୁଝାପଡିଛି ?

**ସମାଧାନ :-** ଯାହା ଈଶ୍ୱରଙ୍କ ଶାସ୍ତ୍ର ତାହା ସବୁଠାରୁ ବଡ ବିଦ୍ୟାଶାସ୍ତ୍ର ବୋଲି କହୁଛୁ । ବ୍ରହ୍ମବିଦ୍ୟା ଶାସ୍ତ୍ର ସବୁଠାରୁ ପ୍ରଥମେ ଜନ୍ମ ହୋଇଥିଲେ ମଧ୍ୟ, ଆଜି ସବୁଠାରୁ ଶେଷରେ ରହିଯାଇଛି । ଈଶ୍ୱର କାହାକୁ ଦେଖାଯାଇ ନଥାନ୍ତି, କାରଣ ! ସେ ସୂକ୍ଷ୍ମ, ସେଥିଲାଗି ତାଙ୍କ ସମ୍ବନ୍ଧୀୟ ଜ୍ଞାନ ମଧ୍ୟ ସୂକ୍ଷ୍ମ ଭାବରେ ରହିଥାଏ । ସ୍ଥୁଳ ଭାବରେ ରହିଥିବା ଶ୍ଳୋକଗୁଡିକର ସୂକ୍ଷ୍ମତାକୁ, ପଦ୍ୟ କିମ୍ବା ଗଦ୍ୟର ସୂକ୍ଷ୍ମତାକୁ ଯେଉଁମାନେ ଗ୍ରହଣ କରିପାରନ୍ତି ନାହିଁ ସେମାନେ ପରମାତ୍ମା ଜ୍ଞାନର ସୂକ୍ଷ୍ମତା ବା ସତ୍ୟତାକୁ କେବେ ମଧ୍ୟ ଗ୍ରହଣ କରିପାରନ୍ତି ନାହିଁ । ଐଶ୍ୱରୀୟ ଜ୍ଞାନ (ପରମାତ୍ମା ଜ୍ଞାନ ବା ଦୈବଜ୍ଞାନ)ରେ ଅତି ମୁଖ୍ୟ ବିଷୟ ହେଉଛି ଏଇ କର୍ମ ବିଷୟ । ଐଶ୍ୱରୀୟ ଜ୍ଞାନର ଏହା ଏକ ମୁଖ୍ୟ ଭାଗ ହୋଇଥିବାରୁ କର୍ମ ସୂକ୍ଷ୍ମତଃ ରହି କାହାକୁ ବୁଝାପଡି ନଥାଏ । ଏହିଭଳି ସୂକ୍ଷ୍ମ ଭାବରେ ଥିବା କର୍ମକୁ ସ୍ଥୁଳ ସ୍ମୃତିଶକ୍ତି ଥିବା ବ୍ୟକ୍ତି ମଧ୍ୟ ଜାଣିପାରି ନଥାଏ । କର୍ମ ବାବଦରେ ବୁଝିବାକୁ ହେଲେ ସୂକ୍ଷ୍ମ ଧାରଣା ଶକ୍ତି ଆବଶ୍ୟକ । ସ୍ମୃତିଶକ୍ତି ମନୋବଳ ଯୁକ୍ତ ହୋଇଥାଏ । ମନୋବଳ ମାୟା ଭଳି । ମୁଁ ଭଲ ଜାଣିଛି ବୋଲି ଗର୍ବ ଆଣିଦେଉଥିବାରୁ ନିଜର ଥିବା

ସ୍ମୃତିଶକ୍ତି ଅନ୍ୟମାନଙ୍କଠାରେ ନାହିଁ ନାମକ ଭାବ ଗୁଣଗୁଡିକ ଭିତରେ ଥିବା ଗର୍ବ ନାମକ ଗୁଣସମ୍ବନ୍ଧୀୟ ହୋଇଥିବାରୁ ସ୍ମୃତିଶକ୍ତି ମଧ୍ୟ ମାୟାକୁ ବଳ ଯୋଗାଇଥାଏ । ତେଣୁ ଦୈବ ସମ୍ବନ୍ଧୀୟ କର୍ମ ବିଷୟକୁ ଗ୍ରହଣ କରିବାପାଇଁ ସୂକ୍ଷ୍ମଦୃଷ୍ଟି ରହିପାରୁ ନାହିଁ, ତେଣୁ ଯେତେ ସ୍ମୃତିଶକ୍ତି ଥିଲେମଧ୍ୟ ସୂକ୍ଷ୍ମଜ୍ଞାନ ଅବଗତହେବା ବିଶ୍ୱାସଯୋଗ୍ୟ ହୋଇନପାରେ ।

**୪) ପ୍ରଶ୍ନ :-** ସ୍ମୃତିଶକ୍ତି ଥିଲେ ମଧ୍ୟ ସୂକ୍ଷ୍ମ ବିଷୟ ବୁଝିହୋଇ ନଥାଏ । ସୂକ୍ଷ୍ମ ବିଷୟକୁ ଯେଉଁମାନେ ଗ୍ରହଣ କରି ପାରନ୍ତି ସେମାନଙ୍କର ସ୍ମୃତିଶକ୍ତି ନଥିଲେ, ସେମାନେ ବୁଝିଥିଲେ ମଧ୍ୟ କି ଲାଭ ଅଛି ? କାହାକୁ ତ କହି ପାରିବେ ନାହିଁ !

**ସମାଧାନ :-** ଯାହାର ସ୍ମୃତିଶକ୍ତି ରହିଛି, ସେ କୌଣସି ଶ୍ଳୋକକୁ ମଧ୍ୟ ପଢି ପରେ ସହଜରେ କହିପାରେ । ଏଭଳି କହିବା ବେଳେ ସେ ବାହାରକୁ ମହାନ ଦେଖାଗଲେ ମଧ୍ୟ, ତାଠାରେ ଜ୍ଞାନର ସୂକ୍ଷ୍ମ ବିଷୟକୁ ଗ୍ରହଣ କରିପାରି ନଥାଏ, ହେଲେ ଜ୍ଞାନର ସୂକ୍ଷ୍ମତାକୁ ଯିଏ ଗ୍ରହଣ କରିଛି ତାର ସ୍ମୃତି ଶକ୍ତି ନଥିଲେ ମଧ୍ୟ ଜ୍ଞାନଶକ୍ତି ରହିଥିବାରୁ ଜ୍ଞାନର ମୁଖ୍ୟ ଭାବକୁ ସେ ସହଜରେ କହିଦେଇ ପାରେ, କିନ୍ତୁ କେଉଁ ଶ୍ଳୋକ, କେଉଁ ଅଧ୍ୟାୟରେ, କେଉଁ ଫର୍ଦ୍ଦରେ ଅଛି ବୋଲି କହିପାରି ନଥାଏ ସିନା ସୂକ୍ଷ୍ମ ଭାବରେ ଥିବା ଜ୍ଞାନକୁ ବୁଝାଇ କହିଦେଇ ପାରେ । ଏଭଳି କହିବା ପାଇଁ ସ୍ମୃତିଶକ୍ତି ଦରକାର ହୋଇନଥାଏ । ମଣିଷ ଶରୀରର ଆତ୍ମା ଶ୍ଳୋକଗୁଡିକୁ ନକହି, ଫର୍ଦ୍ଦ ସଂଖ୍ୟା ନ କୁହାଇ, କେବଳ ସ୍ୱଚ୍ଛ ଜ୍ଞାନକୁ ବୁଝାଇ କୁହାଇଥାଏ । ଯେଉଁମାନଙ୍କର ସ୍ମୃତିଶକ୍ତି ଅଛି ସେମାନଙ୍କର ମନ ଦୃଢ ହୋଇ ଗ୍ରନ୍ଥର ବିଷୟଗୁଡିକୁ ନିର୍ଭୁଲ ଭାବରେ କୁହାଇପାରେ, କିନ୍ତୁ ଜ୍ଞାନୀମାନେ ସେଭଳି କହିପାରି ନଥାନ୍ତି । ଏଭଳି ସ୍ମୃତିଶକ୍ତି ସେମାନଙ୍କର ନଥାଏ । ଏଭଳି ସ୍ମୃତିଶକ୍ତି ଯେଉଁମାନଙ୍କର ରହିଥାଏ ସେମାନଙ୍କର ମନ

ବଳଶାଳୀ ହୋଇ ବିନ୍ଦୁବିସର୍ଗ ନଛାଡି କହି ପାରୁଥିବା ସ୍ଥଳେ, ଜ୍ଞାନୀମାନଙ୍କ ଠାରେ ଆତ୍ମା ବଳଶାଳୀ ହୋଇ କେବଳ ଜ୍ଞାନର ମୂଳ ଭାବକୁ ଜଣାଇଥାଏ, ତେଣୁ ଜ୍ଞାନୀମାନଙ୍କର ସ୍ମୃତିଶକ୍ତି ନଥିଲେ ମଧ୍ୟ ଦୁଃଖ କରିବା ଆବଶ୍ୟକ ନାହିଁ ।

**୭) ପ୍ରଶ୍ନ :-** କର୍ମ ମର୍ମ ଭାବରେ ରହିଥାଏ, ତାହା କାହାକୁ ଜଣା ନଥାଏ ଏବଂ କର୍ମ ଏକ ବିଶ୍ୱାସ ବୋଲି ଆପଣ କହିଥିଲେ । ହେଲେ କେହି ଯଦି ତାହା ଜାଣି ନାହାନ୍ତି ତେବେ ଆପଣ କିପରି ଜାଣିଲେ ? ଆପଣ କିପରି ଏଭଳି କଥା କହିପାରୁଛନ୍ତି ? ଆପଣଙ୍କ ବିଶ୍ୱାସକୁ ଆମେ କାହିଁକି ବିଶ୍ୱାସ କରିବୁ ?

**ସମାଧାନ :-** କର୍ମ ଏକ ବିଶ୍ୱାସ ହେଲେହେଁ ତାହା ମଣିଷଠାରୁ ଅମଳ ହେବାବେଳେ (ଅନୁଭବ ସମୟ ଆସିବା ବେଳେ) ପ୍ରତ୍ୟକ୍ଷ ଭାବରେ କଷ୍ଟ ଭୋଗକରି ହେଉ କିମ୍ୱା ସୁଖ ଭୋଗକରି ହେଉ ତାହାକୁ ଅନୁଭବ କରୁଛେ । ତେଣୁ କର୍ମ ନିରାଟ ସତ୍ୟ ବୋଲି ଜଣାପଡୁଛି । କର୍ମ ଅନୁଭବରେ ଆସୁଥିବା ବେଳେ ଯାହାର କଷ୍ଟ ତାକୁ ହିଁ ଜଣାପଡିଥାଏ । ତେଣୁ ଯାହାର କର୍ମ ତାହାକୁ ହିଁ ଜଣାପଡିଥାଏ । ଏହାଠାରୁ ବଡ ପ୍ରମାଣ କିଛି ଆଉ ନାହିଁ । କର୍ମ ବାବଦରେ ସ୍ୱତନ୍ତ୍ର ଭାବରେ ମୁଁ ଆଜି କହୁଛି ବୋଲି ଭାବନ୍ତୁ ନାହିଁ, ପରମାତ୍ମା ସୃଷ୍ଟି ପ୍ରାରମ୍ଭରେ କର୍ମର ରହସ୍ୟକୁ କହିଦେଇଛନ୍ତି । ତେଣୁ କର୍ମ ବାବଦରେ ଆମେ କେବଳ ବିଶ୍ୱାସ କରିପାରିବା । କେହି ବିଶ୍ୱାସ କରୁ ବା ନକରୁ ତାର କର୍ମକୁ ସେ ନିଶ୍ଚୟ ଅନୁଭବ କରିଥାଏ । ଅନୁଭବ କରିବା ବେଳେ କହିବା ଦରକାର ନାହିଁ, ନିଜ କପାଳରେ ହାତମାରି "ହାଏରେ ମୋ କର୍ମ" ବୋଲି ତା'ରି ତୁଣ୍ଡରେ ସେ ହିଁ ଦିନେ କହିବ । ଅନୁଭବ କଲେ ମଧ୍ୟ କର୍ମ କହିଲେ କ'ଣ ବୋଲି ଯିଏ ନଜାଣିଛି ସେ ମୁଣ୍ଡ ନଥିବା ମଣିଷ ସହିତ ସମାନ । କୌଣସି ମଣିଷ ହେଉ କିମ୍ୱା କୌଣସି ଜନ୍ତୁ ହେଉ

ତାର କର୍ମ ତାର ମୁଣ୍ଡରେ ହିଁ ରହିଥାଏ । ଯିଏ ମୋର କର୍ମ କିଛି ନାହିଁ ବୋଲି କହୁଛି ତାର ମୁଣ୍ଡ ନାହିଁ କହିଲେ ଚଳିବ ।

(ସୂଚନା– ଆପଣମାନେ ପଢିବାକୁ ଯାଉଥିବା ଆଠ ନମ୍ବର ଏବଂ ନଅ ନମ୍ବର ପ୍ରଶ୍ନ ଦୁଇଟି ତେଲୁଗୁ ଭାଷା ସମ୍ବନ୍ଧୀୟ । ଏହା ଆମର କ'ଣ ବା ଦରକାର ବୋଲି ନଭାବି, ଥିବା ପ୍ରଶ୍ନକୁ ମଧ୍ୟ ନଛାଡି, ସେଥିରେ ଥିବା ଜ୍ଞାନ ଭାବକୁ ଆପଣମାନଙ୍କୁ ଜଣାଇବା ଉଦ୍ଦେଶ୍ୟରେ ଅନୁବାଦ କରିବାକୁ ପଡିଛି । ତେଲୁଗୁ ଭାଷାରେ ମୁଣ୍ଡକୁ ତଲ କହନ୍ତି । କେତେକ ସନ୍ଦର୍ଭରେ ତଲକାୟି, ତଲପଣ୍ଡୁ ମଧ୍ୟ କହନ୍ତି । ତେଲୁଗୁ ଭାଷାରେ **କାୟି** କହିଲେ ପାଚିନଥିବା ଫଳ ବା କଞ୍ଚାଫଳ, ସେହିଭଳି **ପଣ୍ଡୁ** କହିଲେ ପାଚିଲା ଫଳ । ଏହି ସନ୍ଦର୍ଭରେ ପ୍ରଶ୍ନକର୍ତ୍ତା ସ୍ୱାମୀଜୀଙ୍କ ଗ୍ରନ୍ଥ ପଢି କିମ୍ବା ପ୍ରବଚନ ଶୁଣି ସ୍ୱାମୀଜୀଙ୍କ ଶବ୍ଦ ସଂଯୋଜନା ବାବଦରେ କହିବାକୁଯାଇ, ଆପଣ କାହିଁକି ତଲକାୟି (କଞ୍ଚାଫଳ) କହୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି । କାରଣ ! ଅନୁଭବ କରିବା ପାଇଁ ତଲପଣ୍ଡୁ (ପାଚିଲାଫଳ) ଦରକାର । କର୍ମ ବିଷୟରେ କର୍ମକୁ ଅନୁଭବ କରିବାକୁ ହୁଏ । ସେହି ଦୃଷ୍ଟିରେ ଯଦି ତଲକାୟି କହିବା ତେବେ ବାକ୍ୟଟି ଭୁଲ୍‌ହେବ ବୋଲି ପ୍ରଶ୍ନକର୍ତ୍ତାଙ୍କ ଭାବନା । ସେହି ପ୍ରଶ୍ନ ଏବଂ ତାର ସମାଧାନ ତଳେ ଦେଖନ୍ତୁ । –ଅନୁବାଦକ)

୮) **ପ୍ରଶ୍ନ :-** ତଲ (ମୁଣ୍ଡ) ନାମକ ଶବ୍ଦରେ ଆପଣ ଚତୁରତାର ସହିତ କାୟି (କଞ୍ଚାଫଳ) ବୋଲି ଭାବ ବ୍ୟକ୍ତ କରୁଥିବା ଶବ୍ଦକୁ ଯୋଡି ତଲକାୟି (ମୁଣ୍ଡ ନାମକ କଞ୍ଚାଫଳ) ବୋଲି କହିଛନ୍ତି । ଆପଣଙ୍କ କଥା ଅନୁସାରେ ତାହା କଞ୍ଚା ହୋଇଥିବାରୁ ଖାଇହେବ ନାହିଁ, ଅର୍ଥାତ୍ ଅନୁଭବ କରିହେବ ନାହିଁ । କଞ୍ଚାଫଳ ଭାବରେ ଆଗତ କର୍ମ କିପରି ଅନୁଭଭ ହେବ । ଯାହା ଅନୁଭବରେ ଆସୁଛି ତାହାକୁ ପାଚିଲାଫଳ କହିବା ଉଚିତ୍ ସିନା କଞ୍ଚାଫଳ କହିପାରିବା ନାହିଁ ! ତେଣୁ କର୍ମକୁ କର୍ମଫଳ କହିବା ଉଚିତ୍, ସେହି ଅନୁସାରେ ତଲ (ମୁଣ୍ଡକୁ) ତଲଫଲମୁ (ମୁଣ୍ଡ ନାମକ ପାଚିଲାଫଳ) କହିବା

ଯଥାର୍ଥ ହେବ, ତଲକାୟି (ମୁଣ୍ଡ ନାମକ କଞ୍ଚାଫଳ) ଉଚିତ୍ ହେବ ନାହିଁ ! ଏ ବାବଦରେ ଆପଣ କଣ କହିବେ ? କି ଜବାବ ଦେବେ ?

**ସମାଧାନ :-** ଆପଣ କହିବା ଅନୁସାରେ ତଲ (ମୁଣ୍ଡ)କୁ ମାତ୍ର କେତୋଟି ସନ୍ଦର୍ଭରେ ତଲପଣ୍ଡୁ (ମୁଣ୍ଡ ନାମକ ପାଚିଲା ଫଳ) ବୋଲି କହିଥାନ୍ତି । କିଛି ଲୋକଙ୍କ ହିସାବରେ ଆଶିଷ, ଆଉ କିଛି ଲୋକଙ୍କ ହିସାବରେ ଅଭିଶାପ ବୋଧ ହେଉଥିବା ଶବ୍ଦଟିଏ ଅଛି । ତାହା "ନି ତଲପଣ୍ଡୁ ପଗଲନାନି" (ତୋ ମୁଣ୍ଡ ନାମକ ପାଚିଲାଫଳ ଫାଟିଯାଉ) । ଏହି ବାକ୍ୟ ଜ୍ଞାନ ଅନୁସାରେ ଆଶିଷ ହେବା ସ୍ଥଳେ, ଅଜ୍ଞାନତାରେ ଅଭିଶାପ ହିସାବ ହୋଇଥାଏ । ସେହିଭଳି ତଲପଣ୍ଡୁ ବା ତଲଫଲମୁ ନାମକ ଶବ୍ଦ ମାତ୍ର କେତେକ ସନ୍ଦର୍ଭରେ ବ୍ୟବହାର କରାଯାଇଥାଏ ସିନା ଆଉ ସବୁବେଳେ ତଲକାୟି କୁହାଯାଏ । ଅର୍ଥାତ୍ କିଛି ଶବ୍ଦକୁ ଦୁଇ ପ୍ରକାରରେ ବୁଝିବାକୁ ହୋଇଥାଏ । ତେଣୁ ସନ୍ଦର୍ଭ ଅନୁସାରେ ଯାହା ବୁଝିବା କଥା ତାହା ବୁଝିବା ଉଚିତ୍ ।)

**୯) ପ୍ରଶ୍ନ :-** କର୍ମ ଅନୁଭବ ହୋଇଥାଏ, ତେଣୁ ସେହି ଉଦ୍ଦେଶ୍ୟରେ ତଲ (ମୁଣ୍ଡ)କୁ ତଲପଣ୍ଡୁ (ପାଚିଲା ଫଳ) କହିବା ଉଚିତ୍, କିନ୍ତୁ ତା ବଦଳରେ ତଲକାୟି (କଞ୍ଚାଫଳ) କାହିଁକି କହନ୍ତି ?

**ସମାଧାନ :-** ତୁ ଜନ୍ମହେବା ବେଳେ ଶିଶୁ ଥିଲୁ । କିଛିଦିନ ଉତ୍ତାରେ ବାଳକ କୁହାଗଲୁ । ଏବେ ତୋତେ ମଣିଷ କହୁଛନ୍ତି । ତୋର ଜନ୍ମ ମଣିଷ ଜନ୍ମ ହେଲେ ମଧ୍ୟ, ତୁ ଛୋଟ ଥିବାବେଳେ ତୋତେ ମଣିଷ ବୋଲି କେହି କହନ୍ତି ନାହିଁ । ଆଉ କିଛିଦିନ ପରେ ମଧ୍ୟ ତୋତେ ମଣିଷ ନକହି ବାଳକ କହନ୍ତି । ତୋର ବାଲ୍ୟକାଳ ଶେଷ ହୋଇଯିବା ପରେ ଏବେ ତୋତେ ମଣିଷ କହୁଛନ୍ତି । ତୁ ଜନ୍ମହେବା ବେଳେ ମଣିଷ ହେଲେହେଁ ଯେମିତି ତୋତେ ଶିଶୁ, ବାଳକ ଇତ୍ୟାଦି କହନ୍ତି ସେହିଭଳି କର୍ମକୁ ସେତେବେଳେ କାୟି (କଞ୍ଚାଫଳ) କୁହାଯାଇଛି । ଆଉ ଏକ ସମୟରେ ପଣ୍ଡୁ (ପାଚିଲା

ଫଳ) କୁହାଯାଇଛି । ଯେଉଁ ସମୟରେ ଯାହା କହିବା କଥା ତାହା କହିବା ଉଚିତ୍ । ମଣିଷର ବୟସ ଅନୁସାରେ ସେ ଶିଶୁ, ବାଳକ, ମଣିଷ କୁହାଯିବା ଭଳି, କର୍ମକୁ ମଧ୍ୟ କଷିଫଳ (ଫୁଲ ମିଶ୍ରିତ ଫଳ), କଞ୍ଚା ଫଳ, ପାଚିଲା ଫଳ ଭାବରେ ତୁଳନା କରି ଜ୍ଞାନୀମାନେ କହିଛନ୍ତି । ତାହା କିପରି ! କହୁଛି ଶୁଣ୍ । କର୍ମ ଏକ ଅଦୃଶ୍ୟ ଭାବ; ତଥାପି ତାର ମଣିଷ ଭଳି ଶିଶୁଦଶା, ବାଲ୍ୟଦଶା, ଏବଂ ଯୌବନଦଶା ରହିଛି । ଶିଶୁଦଶାରେ ମଣିଷକୁ ଶିଶୁ କହିବା ଭଳି କର୍ମକୁ ଜନ୍ମ ହେବାବେଳେ ଆଗାମୀକର୍ମ କୁହାଯାଏ । ବାଲ୍ୟ ଦଶାରେ ମଣିଷକୁ କିଶୋର କହିବା ଭଳି କର୍ମକୁ କିଛିକାଳ ପରେ ସଞ୍ଚିତକର୍ମ କୁହାଯାଏ । ସେହିଭଳି ମଣିଷର ଯୌବନ, ବାର୍ଦ୍ଧକ୍ୟାଦି ଅବସ୍ଥା ଆସିବା ଭଳି କର୍ମ ପ୍ରାରବ୍ଧକର୍ମରେ ପରିଣତ ହୋଇଥାଏ । ତେଣୁ ସେହି ଅନୁସାରେ କର୍ମର ମଧ୍ୟ ତିନି ଦଶା ରହିଛି । ଗଛର ଫଳ କଷିଫଳ, କଞ୍ଚା ଫଳ, ପାଚିଲା ଫଳ ରହିବା ଭଳି ମଣିଷର କର୍ମ ତିନି ସ୍ଥିତିରେ ରହିଛି । କେତେବେଳେ କଣ କହିବା ଉଚିତ୍ ତାହା ଜାଣି କହିବା ଉଚିତ୍ ।

**୧୦) ପ୍ରଶ୍ନ :-** କର୍ମ ତିନି ପ୍ରକାରର ଅଛି ବୋଲି କହିଛନ୍ତି, ମଣିଷର ନାନା ଦଶା ଭଳି ତାହାକୁ ତୁଳନା କରି ମଧ୍ୟ କହିଛନ୍ତି । ମାନବ ଶିଶୁ ବଡହେବା ପର୍ଯ୍ୟନ୍ତ ଜଣକର ରକ୍ଷଣାବେକ୍ଷଣରେ ରହିବା ଭଳି ଆଗାମୀକର୍ମ ଏବଂ ସଞ୍ଚିତକର୍ମର କଣ କେହି ରକ୍ଷକ ବା ପୋଷକ ରହିଥାନ୍ତି ?

**ସମାଧାନ :-** ଦେଖାଯାଉଥିବା ଶିଶୁକୁ ତାର ମାଆ ରକ୍ଷାକରି ତାର ପୋଷଣ ଦାୟିତ୍ୱ ନେଇଥାଏ, ମାଆ ବ୍ୟତୀତ ବାପା ମଧ୍ୟ ତାର ଦାୟିତ୍ୱ ନେଇଥାଏ । ସେହିଭଳି ଅଦୃଶ୍ୟ କର୍ମକୁ ଅଦୃଶ୍ୟ ଆତ୍ମା ମାଆ ଭଳି ରକ୍ଷଣ ଦେଇଥାଏ । ଆଗାମୀକର୍ମକୁ ଆତ୍ମା ହିଁ ଲୁଚେଇ ରଖିଥାଏ । ତାପରେ ଆଗାମୀକର୍ମ ସଞ୍ଚିତ କର୍ମରେ ବଦଳିବା ବେଳେ ସଞ୍ଚିତକର୍ମର ରକ୍ଷଣାବେକ୍ଷଣ ମଧ୍ୟ କରିଥାଏ । ଶିଶୁ କିଛିକାଳ ପରେ ଯେତେବେଳେ ବାଳକ ହୋଇଯାଏ ସେତେବେଳେ

କିଛିକାଳ ବାଳକ ଭାବରେ ରହି, ତାପରେ ମଣିଷ କୁହାଯାଇ ସମାଜର ଜଣେ ବ୍ୟକ୍ତି ଭାବରେ ପରିଗଣିତ ହୋଇଥାଏ । ସେହିଭଳି ଆଗାମୀକର୍ମ ୬୯ବର୍ଷ, ୫ମାସ, ୧୦ଦିନରେ ସଞ୍ଚିତ କର୍ମରେ ବଦଳିଯାଇ ଆତ୍ମାର ରକ୍ଷଣାବେକ୍ଷଣରେ ରହିଥାଏ । ଆଗାମୀକର୍ମ ହୋଇ ରହିଥିବା ବେଳେ କିମ୍ବା ସଞ୍ଚିତକର୍ମ ହୋଇ ରହିଥିବା ବେଳେ ତାହା ଆତ୍ମାର ଦାୟିତ୍ୱରେ ଥାଏ, ସେତେବେଳେ କର୍ମ କାହାକୁ ମଧ୍ୟ ଜଣାପଡି ନଥାଏ । କର୍ମ ଚକ୍ରରେ ଆଗାମୀକର୍ମ, ସଞ୍ଚିତକର୍ମ ଦୁଇଟିଯାକ ଥିଲେ ମଧ୍ୟ କେହି ଜାଣିପାରି ନଥାନ୍ତି । ବାଳକ ମଣିଷ ଭାବରେ ବଦଳି ଜଣେ ବ୍ୟକ୍ତି ଭାବରେ ସମାଜରେ ଚିହ୍ନଟହେବା ଭଳି ସଞ୍ଚିତକର୍ମ ପ୍ରାରବ୍ଧକର୍ମରେ ବଦଳିବା ବେଳେ ତାହା କର୍ମଚକ୍ରରେ ଜଣେ ପ୍ରକୃତ ଜ୍ୟୋତିଷ୍ୟ ଦ୍ୱାରା ଚିହ୍ନଟ ହୋଇଥାଏ । ଯିଏ ଜ୍ୟୋତିକୁ ଜାଣିଥାଏ ସେ ଜ୍ୟୋତିଷ୍ୟ । ଜ୍ୟୋତି କହିଲେ ଏଠାରେ ଆଲୋକିତ କରୁଥିବା ଜ୍ଞାନ, ଜ୍ୟୋତିଷ୍ୟ କହିଲେ ଜ୍ଞାନୀ । ଜ୍ଞାନୀକୁ କର୍ମ ବାବଦରେ ଜଣାଥାଏ । କର୍ମ ଚକ୍ରର କର୍ମକୁ ଜ୍ୟୋତିଷ୍ୟ ଜାଣିପାରିଥାଏ । ମଣିଷ ସମାଜରେ କେହି ଜଣେବ୍ୟକ୍ତି ଭାବରେ ବଦଳି ଚିହ୍ନିତ ହେବା ଭଳି, ପ୍ରାରବ୍ଧକର୍ମ ଭାବରେ ବଦଳିଯାଇଥିବା କର୍ମ କର୍ମଚକ୍ରରେ ଜ୍ଞାନୀମାନଙ୍କ ଦ୍ୱାରା ଚିହ୍ନାଯାଇଥାଏ । ଆଗାମୀକର୍ମ ସଞ୍ଚିତକର୍ମ ଭାବରେ ଥିବାବେଳେ ତାହାକୁ କେହି ଚିହ୍ନି ନପାରିଲେ ମଧ୍ୟ ପ୍ରାରବ୍ଧକର୍ମ ଭାବରେ ବଦଳିବା ପରେ ତାହା ଚିହ୍ନା ପଡିଥାଏ । କର୍ମ ତିନି ପ୍ରକାରର ହେବା ସ୍ଥଳେ, ଆତ୍ମା ତାର ରକ୍ଷକ ହୋଇଥାଏ । ହେଲେ ଆଗାମୀକର୍ମ ସଞ୍ଚିତକର୍ମ ହୋଇ ରହିଥିବା ବେଳେ କେହି ଜାଣି ନପାରିବା ଭଳି କର୍ମ ଚକ୍ରରେ ଲୁଚାଇ ରଖିଥିବା ଆତ୍ମା, ସେହି କର୍ମଗୁଡିକୁ ପ୍ରାରବ୍ଧକର୍ମ ହୋଇଯିବା ପରେ କର୍ମଚକ୍ରରେ ଜ୍ଞାନୀମାନଙ୍କ ଦ୍ୱାରା ଦେଖାଯିବା ଭଳି କରାଇଥାଏ ।

**୧୧) ପ୍ରଶ୍ନ :-** କର୍ମକୁ କପାଳ ଲିଖନ ବୋଲି କେତେ କିଏ କହିଥାନ୍ତି । ଏଭଳି ଲିଖନ ବୋଲି କାହିଁକି କହିଥାନ୍ତି ?

**ସମାଧାନ :-** କର୍ମ ଲେଖାଯାଇଥିବା କାଗଜ ଭଳି । ଦେଖାଯାଉଥିବା କାଗଜରେ ଲେଖାଯାଇଥିବା କିଛି ସମାଚାର ରହିଥାଏ । କର୍ମ ଏତେ କି ସେତେ ବୋଲି ପରିମିତ ନୁହେଁ । ସେଥିଲାଗି ଏକ କର୍ମ ଗୋଟିଏ କାଗଜରେ ଲେଖାଯାଇଥିବା ବେଳେ, ଅନେକ କର୍ମକୁ ଲେଖିବା ପାଇଁ ଅନକେ କାଗଜ ଦରକାର ହୋଇଥାଏ । ଏଭଳି ଅନେକ କର୍ମ ଅନେକ କାଗଜରେ ଲେଖାଯାଇଥିବାରୁ ତାହାକୁ ଏକ ଗ୍ରନ୍ଥ ବୋଲି କହିପାରିବା । ଶହେ ତିରିଶି ବର୍ଷ ପୂର୍ବେ କାଗଜ ନଥିଲା । ଛାପାକଳ ନଥିଲା । କାଗଜ ନଥିବା ସେତେବେଳ କାଳରେ ଲୋକେ ତାଳପତ୍ରରେ ଲେଖୁଥିଲେ । ତ୍ରେତୟା ଯୁଗରୁ ଆଦିକବି ବାଲ୍ମିକୀଙ୍କଠାରୁ ତିନିଶହ ପଚଶବର୍ଷ ତଳେ ଥିବା ବୀରବ୍ରହ୍ମଙ୍କ ପର୍ଯ୍ୟନ୍ତ ରାମାୟଣ, କାଳଜ୍ଞାନାଦି ଲେଖାଯାଇଥିଲା । ସେତେବେଳେ ହଳଦୀ ଏବଂ ତେଲକୁ ତାଳପତ୍ରରେ ଲଗାଇ ରଖୁଥିବାରୁ ସେଗୁଡିକ ଅନେକ ଦିନ ପର୍ଯ୍ୟନ୍ତ ରହିପାରୁଥିଲା । ତାଳପତ୍ର ଗୁଡିକରେ ସେତେବେଳେ ଲେଖାଯାଉଥିବାରୁ ତାହା ଯେଉଁଥିରେ ଲେଖାଯାଉଥିଲା ତାହା ହିଁ ପତ୍ର ବୋଲି ଭାବ ଲୋକମାନଙ୍କ ମନରେ ରହିଆସିଛି । ଆଜି ଗୋଟିଏ କାର୍ଯ୍ୟ ପାଇଁ ସମୟ ନିର୍ଦ୍ଧାରଣ କରି ତାହା କାଗଜରେ ଲେଖିଲେ ମଧ୍ୟ ତାହାକୁ ଲଗ୍ନପତ୍ର କୁହାଯାଉଛି । କିଛି ଲେଖି ଦୂରରେ ରହୁଥିବା ଆତ୍ମିୟମାନଙ୍କ ପାଖକୁ ପଠାଇଲେ ତାହା ପତ୍ର ପଠାଇବା ବୋଲି କୁହାଯାଉଛି, ଖାଲି ଚିଠି, ଲଗ୍ନ ଲେଖିବାକୁ ପତ୍ର କହିବା ବ୍ୟତୀତ ଆହୁରି ଅନେକ କ୍ଷେତ୍ରରେ ନିମନ୍ତ୍ରଣ ପତ୍ର, ସୂଚୀପତ୍ର ଇତ୍ୟାଦି ଆଜି ମଧ୍ୟ କୁହାଯାଉଛି । ସେହିଭଳି ଆମ ଶରୀରରେ କର୍ମପତ୍ର ରହିଛି ବୋଲି କୁହାଯାଉଛି । କର୍ମକୁ ଲେଖାଯାଇଥିବା ଏକ ଗ୍ରନ୍ଥ ଭାବିଲେ, ଗ୍ରନ୍ଥ ଭଳି କର୍ମ ମୁଣ୍ଡରେ ଥିବା କର୍ମଚକ୍ରରେ ରହିବା ଦ୍ୱାରା, କର୍ମକୁ କପାଳ ଲିଖନ କୁହାଯାଉଛି । ଯାହା କର୍ମ ତା' ମୁଣ୍ଡରେ ରହିଥାଏ ବୋଲି କୁହାଯାଉଛି । ସେଥିଲାଗି କୌଣସି ଦୁର୍ଯୋଗରେ, କୌଣସି ଦୁଃଖଦ ସନ୍ଦର୍ଭରେ ମୋ'

କପାଳ ଫଟା, ମୋ' କପାଳ ପୋଡା ଇତ୍ୟାଦି ବାକ୍ୟମାନ କୁହାଯାଉଛି । କିଛି ଲେଖା ଥିବାବେଳେ ଲେଖାଯିବା ପାଇଁ ପତ୍ର ଦରକାର, ସେଥିଲାଗି କର୍ମ ଲେଖାକୁ କର୍ମପତ୍ର କହିଥାନ୍ତି, କର୍ମ ଅନେକ ଥିବାରୁ କର୍ମଗ୍ରନ୍ଥ କହିଥାନ୍ତି । କର୍ମଗ୍ରନ୍ଥ ପ୍ରତ୍ୟେକଙ୍କ ମୁଣ୍ଡରେ ରହିଥିବାରୁ ତାହାକୁ କପାଳ ଲିଖନ କୁହାଯାଏ । କୌଣସି ଜ୍ଞାନ ନଥିବା ସାଧାରଣ ମଣିଷ ମଧ୍ୟ କୌଣସି ଦୁଃଖକଷ୍ଟ ଆସିବାବେଳେ ମୋ' କର୍ମ କହି କପାଳରେ ହାତମାରିଦିଏ । ତାକୁ ତା' କପାଳ ଲିଖନ ବାବଦରେ କିଛି ଜଣା ନଥିଲେ ମଧ୍ୟ ତାର ହାତ ଆପଣା ଛାଏଁ କପାଳକୁ ଚାଲିଯିବା ସତରେ ଆଶ୍ଚର୍ଯ୍ୟ କଥା ନୁହେଁ କି ? ଆଉ କେତେକ କିଛି ନଜାଣିଲେ ମଧ୍ୟ କୌଣସି ଦୁଃଖକଷ୍ଟ ଆସିବାବେଳେ, ଶେଷରେ ମୋ' କପାଳ ଲିଖନ କହି ନିଜର ମୁଣ୍ଡକୁ ନିଜର ଅଜାଣତରେ ପିଟିଥାନ୍ତି । କେତେକ ସନ୍ଦର୍ଭରେ ଜାଣିଥିବା ଲୋକମାନେ ମଧ୍ୟ ମୁଣ୍ଡକୁ ଦୁଇ ହାତରେ ଧରିପକାନ୍ତି, କେତେକଙ୍କୁ ବାସ୍ତବରେ କର୍ମ କଣ ବୋଲି ଜଣା ନଥିଲେ ମଧ୍ୟ ମୋ' କର୍ମ କହି ନିଜର କପାଳକୁ ଦେଖାଇବା ସେମାନେ ପଛରେ ଥିବା ଆତ୍ମା ହିଁ କରାଇଥାଏ ବୋଲି ଜଣାଯାଉଛି । ଏଭଳି କରାଇବା ଦ୍ୱାରା କର୍ମ ନାମକ କିଛି ଗୋଟିଏ ମଣିଷର ମୁଣ୍ଡରେ ରହିଥାଏ ବୋଲି ଆତ୍ମା ସମସ୍ତଙ୍କୁ ଚିହ୍ନାଇ (ଜଣାଇ) ଦେଇଥାଏ । ଏସବୁକୁ ଜାଣି, ବୁଝି ପୂର୍ବର ଜ୍ଞାନୀମାନେ କର୍ମକୁ କପାଳଲିଖନ କହିଥିଲେ ।

**୧୨) ପ୍ରଶ୍ନ:-** କର୍ମ ନାନା ବିଷୟଯୁକ୍ତ । ଅନେକ ବିଷୟ ରହିବା ଦ୍ୱାରା ସେଗୁଡିକ ଅନେକ ପତ୍ର ସମୂଦାୟ ହୋଇ ଏକ ଗ୍ରନ୍ଥ ଭଳି ରହିଥାଏ ବୋଲି ଆପଣ କହିଥିଲେ । କର୍ମ ବାବଦରେ ଆମେ ବୁଝିବାକୁ ତାହା ଏକ ଲିଖିତ ଗ୍ରନ୍ଥ ବୋଲି ଆପଣ କହୁଛନ୍ତି ? କି କେଉଁଠି କେଉଁ ଦୈବଗ୍ରନ୍ଥରେ ଦେବଦୂତମାନେ ଏ ବାବଦରେ କହିଛନ୍ତି ? ଏହାର କୌଣସି ଶାସ୍ତ୍ରାଧାର ଅଛି ?

**ସମାଧାନ :-** ଆମେ କହୁଥିବା ସମସ୍ତ ଜ୍ଞାନବିଷୟ ଶାସ୍ତ୍ରବଦ୍ଧ ହୋଇ ଥାଏ, ଯେଉଁଥିରେ ଶାସ୍ତ୍ରୀୟତା ନଥାଏ ତାହା ଆମେ ପ୍ରସ୍ତାବିତ କରୁନାହୁଁ । ସୃଷ୍ଟି ପ୍ରାରମ୍ଭରେ ଆକାଶବାଣୀ ଦ୍ୱାରା କୁହାଯାଇଥିବା ଜ୍ଞାନ ଖଗୋଳରେ ଥିବା ସୂର୍ଯ୍ୟଗ୍ରହ ଶୁଣି ଭୂପୃଷ୍ଠର ମଣିଷକୁ କହିବା ବେଳେ, କିଛିକାଳ ପରେ ତାହା ଅଧର୍ମ ହୋଇଯାଇ, ଦ୍ୱାପର ଯୁଗର ଶେଷରେ ଈଶ୍ୱର ତାଙ୍କର ଦୂତ ଶ୍ରୀକୃଷ୍ଣଙ୍କ ଦ୍ୱାରା, ଯୀଶୁଙ୍କ ଦ୍ୱାରା ଭୂପୃଷ୍ଠରେ କୁହାଇଥିଲେ । ସୂର୍ଯ୍ୟଗ୍ରହ ମଣିଷକୁ କହିବା ଭଳି, ଐଶ୍ୱରୀୟ ଜ୍ଞାନକୁ ସମ୍ପୂର୍ଣ୍ଣ ଶୁଣିଥିବା ଜିବ୍ରାଇଲ୍ ଗ୍ରହଙ୍କ ଦ୍ୱାରା ଈଶ୍ୱର ୧୪୦୦ ବର୍ଷ ପୂର୍ବେ ହଜରତ୍ ମହମ୍ମଦ୍ ପ୍ରବକ୍ତାଙ୍କୁ କୁହାଇଥିଲେ । ଦେବଦୂତ ଶ୍ରୀକୃଷ୍ଣ କହିଥିବା ଭଗବଦ୍ଗୀତାରେ, ଯୀଶୁ କହିଥିବା ବାଇବେଲରେ, ଜିବ୍ରାଇଲ୍ ଗ୍ରହ କହିଥିବା କୋରାନ ଗ୍ରନ୍ଥରେ କର୍ମ ବିଷୟ ଲେଖାଯାଇଥିବା ଜଣାଯାଏ । ଶ୍ରୀକୃଷ୍ଣ କହିଥିବା ଭଗବଦ୍ଗୀତାରେ ଥିବା ଅକ୍ଷରପରବ୍ରହ୍ମ ଯୋଗର ପ୍ରଥମ ଶ୍ଳୋକରେ "କିଂ କର୍ମ ପୁରୁଷୋତ୍ତମ" ଅର୍ଥାତ୍ (ହେ ପୁରୁଷୋତ୍ତମ ! କର୍ମ କହିଲେ କଣ ?) ବୋଲି ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ । ସେତେବେଳେ ଶ୍ରୀକୃଷ୍ଣ ୨ୟ ଶ୍ଳୋକରେ ଉତ୍ତର ଦେବାକୁଯାଇ "ବିସର୍ଗଃ କର୍ମ ସଂଗୀତଃ" କହିଥିଲେ । ଏହାର ଅର୍ଥ ହେଉଛି ! କର୍ମ ଅର୍ଥାତ୍ 'କର୍ମ ସମୂହ' ଏବଂ ବିସର୍ଗଃ କହିଲେ 'ସୂକ୍ଷ୍ମାତୀସୂକ୍ଷ୍ମ' ଭାବରେ ଯାହା ବିଭାଜିତ ହୋଇ ରହିଥାଏ । ସମ୍ପୂର୍ଣ୍ଣ ଅର୍ଥକୁ ଦେଖିଲେ କର୍ମ ପ୍ରତ୍ୟେକ ଛୋଟ ବିଷୟ ମଧ୍ୟ ଲେଖାଯାଇଥିବା ଏକ ଗ୍ରନ୍ଥ ବୋଲି କହିପାରିବା । କର୍ମ ସଂଗୀତଃ ଅର୍ଥାତ୍ କର୍ମ ସମୂହର ଗ୍ରନ୍ଥ ବୋଲି କହିପାରିବା । କର୍ମ କହିଲେ କ'ଣ ? ବୋଲି ଅର୍ଜୁନ ପଚାରିଥିବା ପ୍ରଶ୍ନର ଉତ୍ତରରେ ଶ୍ରୀକୃଷ୍ଣ 'କର୍ମ କହିଲେ ସୂକ୍ଷ୍ମାତୀସୂକ୍ଷ୍ମ ଭାବରେ ବିଭାଜିତ ହୋଇ ଲେଖାଯାଇଥିବା କାର୍ଯ୍ୟର କାରଣ ବୋଲି କହିଥିଲେ' । ବାଇବେଲ ଗ୍ରନ୍ଥର ଲୁକଙ୍କ ଲିଖିତ ସୁସମାଚାରର ଦ୍ୱାଦଶତମ ଅଧ୍ୟାୟରେ ଥିବା ୭ମ ବାକ୍ୟରେ **"ହଁ ତୁମମାନଙ୍କ ମୁଣ୍ଡରେ କେତେଗୋଟି ବାଳ ଅଛି ତାହା**

**ମଧ୍ୟ ପରମେଶ୍ୱର ଜାଣନ୍ତି"** ବୋଲି ଲେଖାଯାଇଛି । ଅର୍ଥାତ୍ ତୁମ ମୁଣ୍ଡର କେଶଗୁଡ଼ିକ ମଧ୍ୟ ହିସାବ ହୋଇ ରହିଛି । ମଣିଷ ଶରୀରର ଅନେକ ମୁଖ୍ୟ ଅବୟବଗୁଡ଼ିଏ ରହିଛି, ସେହି ମୁଖ୍ୟ ଅବୟବଗୁଡ଼ିକୁ ବାଦ୍ ଦେଇ ମୁଖ୍ୟ ହୋଇନଥିବା ମୁଣ୍ଡର କେଶଗୁଡ଼ିକ ବାବଦରେ କହି ତାହା ମଧ୍ୟ ହିସାବ ହୋଇ ରହିଛି ବା ପରମେଶ୍ୱର ଜାଣନ୍ତି । ଅର୍ଥାତ୍ ମୁଖ୍ୟଗୁଡ଼ିକ ହିସାବ ହେବା ମଧ୍ୟ ବାକି ନଥିବା ଜଣାପଡୁଛି । ମୁଖ୍ୟ ହୋଇନଥିବା, ମଣିଷର କୌଣସି ଆବଶ୍ୟକ ନଥିବା କେଶକୁ ହିସାବ କରାଯାଇଛି, ବା ପରମେଶ୍ୱର କେଶ ବାବଦରେ ମଧ୍ୟ ଜାଣନ୍ତି ଅର୍ଥାତ୍ ଜୀବନ ବଞ୍ଚିବାର ପ୍ରତ୍ୟେକ ବିଷୟ ଆଗରୁ ଲେଖାହୋଇ ରହିଛି ବୋଲି ଏଥିରୁ ଜଣାପଡୁଛି । କେଶଗୁଡ଼ିକ ମଧ୍ୟ ହିସାବ ହୋଇଛି ବୋଲି ରହିଥିବା କଥାଟି କହିବା ପରେ **"ଭୟ କର ନାହିଁ । ତୁମମାନଙ୍କର ମୂଲ୍ୟ ଅନେକ ଚଢେଇଙ୍କ ଅପେକ୍ଷା ବହୁତ ଅଧିକ"** ବୋଲି କହିଛନ୍ତି । ଏହାର ଅର୍ଥ ମଣିଷକୁ ଭୟ କରିବା ଦରକାର ନାହିଁ । କର୍ମକୁ ଭୟ କର, କର୍ମ ଅନୁସାରେ ସବୁକିଛି ହୋଇଥାଏ । କର୍ମ ଅନୁସାରେ ଆମର ମୁଣ୍ଡରେ ଥିବା କେଶଗୁଡ଼ିକ ମଧ୍ୟ ରହିଛି, ଗୋଟିଏ କେଶ ଝଡ଼ିଯିବା ପାଇଁ ମଧ୍ୟ କର୍ମ କାରଣ ହୋଇ ରହିଥାଏ କହିବା ଉଦ୍ଦେଶ୍ୟରେ, ତୁମମାନଙ୍କ ମୁଣ୍ଡରେ କେତେଗୋଟି ବାଳ (କେଶ) ଅଛି ତାହା ମଧ୍ୟ ପରମେଶ୍ୱର ଜାଣନ୍ତି ବୋଲି କହିଛନ୍ତି । ସେହି ବାକ୍ୟରୁ ସ୍ପଷ୍ଟ ବୁଝିହୁଏ ଯେ, ଜୀବନରେ ଯାହାସବୁ ହୋଇଥାଏ ତାହା ସବୁ କର୍ମ ଅନୁସାରେ ହୋଇଥାଏ, ଜୀବନରେ ନାନା କାର୍ଯ୍ୟ ହେବାପାଇଁ ନାନା କର୍ମ ରହିଥାଏ । ଯେଉଁମାନେ କର୍ମକୁ ଜାଣି ଭୟକରନ୍ତି ସେମାନେ ସର୍ବଦା ସଚେତନ ରହନ୍ତି । ତେଣୁ ସେମାନେ ଅନ୍ୟମାନଙ୍କ ଭଳି ସମାନ ନୁହଁନ୍ତି, ଉନ୍ନତ । ସବୁ କର୍ମ ଅନୁସାରେ ହୋଇଥାଏ । ତେଣୁ କର୍ମକୁ ଲେଖାଯାଇଥିବା ଏକ ଗ୍ରନ୍ଥବୋଲି କହିଛନ୍ତି ।

ମହାଜ୍ଞାନୀ ଜିବ୍ରାଇଲ୍ କହିଥିବା କୋରାନ (ଓଡ଼ିଆ, ୧୮-୫୦) ଗ୍ରନ୍ଥରେ **"ଏବଂ ସେମାନଙ୍କ (କର୍ମ) ପୁସ୍ତକ (ସେମାନଙ୍କ ସମ୍ମୁଖରେ)**

**ଉପସ୍ଥାପିତ କରାଯିବ; ସେତେବେଳେ ସେଥିରେ ( ଅର୍ଥାତ୍ ସେ ପୁସ୍ତକରେ), ଯାହା ଲେଖାଥିବ ଏବଂ ସେତେବେଳେ ସେମାନେ କହିବେ ହାୟ ଆମମାନଙ୍କର ବିନାଶ! (ଆମ ସମ୍ମୁଖରେ ହିଁ ଦଣ୍ଡାୟମାନ) ; ଏହା କିପରି ପୁସ୍ତକ ଯେ ଏହା କୌଣସି କ୍ଷୁଦ୍ରକର୍ମ ବା ବୃହତ୍ କର୍ମକୁ ଲିପିବଦ୍ଧ ନକରି ଛାଡି ନାହିଁ ; ଏବଂ ସେମାନେ ଯାହା କିଛି କରିଥିବେ ସେ ସମସ୍ତଙ୍କୁ ନିଜ ସମ୍ମୁଖରେ ବିଦ୍ୟମାନ ଥିବାର ପାଇବେ; ଏବଂ ତୁମ୍ଭ ପାଳନକର୍ତ୍ତା କାହାରି ଉପରେ ଅତ୍ୟାଚର କରନ୍ତି ନାହିଁ ।"** ବୋଲି ଲେଖାଯାଇଛି । ସେଥିଲାଗି କାହାର କର୍ମ ମଧ୍ୟ ଅନ୍ୟାୟରେ ଲେଖାଯାଇ ନାହିଁ, ଯାହା ରହିଛି ତାହା ହିଁ ଲେଖାଯାଇଥିବା ଜଣାଯାଇଛି । ଈଶ୍ୱର କାହାର କର୍ମ ବଢାଇ ନଥାନ୍ତି କି କାହାର କର୍ମ କମ୍ କରିଦେଇ ନଥାନ୍ତି ଯିଏ ଯାହା କରିଛି ତାର ତାହା ହିଁ ଲେଖାଯାଇଛି । ଏ ବିଷୟ ମଧ୍ୟ ୫୩ ତମ ସୁରାରେ ଥିବା ୪୦,୪୧,୪୨ ତମ ଆୟତଗୁଡିକ କହିଥାଏ । ୪୦- **"ଏବଂ ମନୁଷ୍ୟକୁ ତାହା ହିଁ ମିଳେ ଯାହା ପାଇଁ ସେ ଚେଷ୍ଟାକରେ; ୪୧- "(ଏତଦ୍ ଭିନ୍ନ ଏହି ଧର୍ମଗ୍ରନ୍ଥ ଗୁଡିକରେ ଏହା ମଧ୍ୟ ଲିପିବଦ୍ଧ ରହିଛି ଯେ) ସେ ନିଜ ଚେଷ୍ଟାର ପରିଣାମ ଅବଶ୍ୟ ଦେଖିବ । ୪୨- ଏବଂ ତାହାକୁ ସମ୍ପୂର୍ଣ୍ଣ ପୁରସ୍କାର ମିଳିବ"** । ଏହି ତିନିଗୋଟି ବାକ୍ୟରେ ଯାହାର କୃତକର୍ମ, କାର୍ଯ୍ୟରୂପରେ ତାହାକୁ ହିଁ ମିଳିଥାଏ । ତାଛଡା କର୍ମ ଗ୍ରନ୍ଥରୂପରେ ରହିଛି ବୋଲି, ସେଥିରେ ପ୍ରତି ଛୋଟ ବିଷୟ ମଧ୍ୟ ବାଦ ନଯାଇ ଲେଖାଯାଇଛି ବୋଲି ଜଣାଗଲା । ଏହି ବିଷୟ କର୍ମ ସଂଗୀତ (କର୍ମଗ୍ରନ୍ଥ) ବିସଃର୍ଗ ଭାବରେ (ସୂକ୍ଷ୍ମତୀସୂକ୍ଷ୍ମ ଭାବରେ) ବିଭାଜିତ ହୋଇ ଭଗବଦ୍ଗୀତାରେ ଲେଖାଯାଇଛି । ତେଣୁ ତିନି ମୂଳଗ୍ରନ୍ଥରେ କର୍ମକୁ ବିପୁଳ ଭାବରେ କହି କର୍ମ ସମୂହ ବୋଲି ଗୀତାରେ, କର୍ମଚୟ ବୋଲି ଆଉ ଏକ ସନ୍ଦର୍ଭରେ, କୌଣସି ଛୋଟ ବିଷୟ (ପାପକୁ) ବାଦ୍ ନଦେଇ ଲେଖାଯାଇଛି ବୋଲି କୋରାନରେ କହିବା ଅନୁସାରେ କର୍ମର ସମ୍ମେଳନ ଆମ ମୁଣ୍ଡରେ କିପରି ରହିଛି ବୋଲି ବୁଝିହୋଇଯାଉଛି ।

**୧୩)ପ୍ରଶ୍ନ :-** କର୍ମ ଏଭଳି ରହିଛି ବୋଲି କଣ ସମସ୍ତେ ଜାଣି ପାରିବେ ?

**ସମାଧାନ :-** କର୍ମ ଏଭଳି ରହିଛି ବୋଲି ସମସ୍ତେ ଜାଣିପାରିବା ସୁଯୋଗ ନଥାଏ । କର୍ମ ଅତି ସୂକ୍ଷ୍ମ ଜ୍ଞାନ । କେହି ମହାନ ଜ୍ଞାନୀ କେବଳ କର୍ମ ବାବଦରେ ଜାଣିପାରେ । ଯେଉଁମାନଙ୍କର ଦୈବଜ୍ଞାନ ଉପରେ ବିଶ୍ୱାସ ନଥାଏ, ଯେଉଁମାନଙ୍କୁ ଦୈବଜ୍ଞାନ ଜଣା ନଥାଏ ସେମାନେ କର୍ମ ବିଧାନ ଜାଣିବା ଅସମ୍ଭବ । ଏହି ବିଷୟ ମହାଜ୍ଞାନୀ ଯୋଗୀ ବେମନ ତାଙ୍କ ରଚିତ ପଦ୍ୟାବଳୀରେ ଲେଖିଛନ୍ତି ।

**କର୍ମଜ୍ଞ ଅଟଇ ଦୈବ ଜ୍ଞାନବାନ**
**ସ୍ଥିର ମୋକ୍ଷ ମର୍ମ ନଜାଣେ ଅଜ୍ଞାନ ।**
**ଅସ୍ଥିରେ ଭ୍ରମଇ ଚପଳ ବାମ**
**ବିଶ୍ୱଧାଭିରାମ ଶୁଣରେ ବେମ ॥**

**ଧନ ସମ୍ପଦକୁ ସ୍ଥିର ଭାବେ ମୂର୍ଖ**
**ପଛରେ ଗୋଡାଏ ନଜାଣି କର୍ମ ।**
**କର୍ମେ ଆସେ ଯାଏ ଅଶାଶ୍ୱତ ଧନ**
**ବିଶ୍ୱଧାଭିରାମ ଶୁଣରେ ବେମ ॥**

ଯୋଗୀ ବେମନ କହିଥିବା ଏହି ଦୁଇଟି ପଦ୍ୟରୁ ପ୍ରଥମଟିରେ କେବଳ ଦୈବଜ୍ଞାନୀ କର୍ମକୁ ଜାଣିପାରେ ବୋଲି କହିଛନ୍ତି । କର୍ମକୁ ଯେଉଁମାନେ ଜାଣି ନଥାନ୍ତି ସେମାନେ ଅଜ୍ଞାନୀ ସ୍ଥିତିରୁ ଆହୁରି ନିଚ ସ୍ଥିତିକୁ ପହଞ୍ଚି ଅତି ଅସ୍ଥିର ଭାବରେ ଭ୍ରମଣ କରିଥାନ୍ତି । ଦ୍ୱିତୀୟ ପଦ୍ୟରେ ଭୂପୃଷ୍ଠରେ ସକଳ ସମ୍ପଦ ସବୁବେଳେ ରହିନଥାଏ, ସମ୍ପଦଧ୍ୟାନଯୁକ୍ତ ମୂର୍ଖମାନେ କର୍ମର ମର୍ମକୁ ଜାଣିପାରି ନଥାନ୍ତି ବୋଲି କହିଛନ୍ତି । ଦୁଇ ପଦ୍ୟର ସାରାଂଶ ହେଉଛି

ଦିବ୍ୟ ଜ୍ଞାନୀମାନେ କେବଳ କର୍ମ କଅଣ ଜାଣିଥାନ୍ତି, ମୁର୍ଖ ଅଜ୍ଞାନୀମାନେ କର୍ମ କଅଣ କେବେ ମଧ୍ୟ ଜାଣିପାରି ନଥାନ୍ତି ।

**୧୩)ପ୍ରଶ୍ନ:-** ମଣିଷ କରୁଥିବା ଅନେକ ଭଲ କାର୍ଯ୍ୟର ଫଳ ପୁଣ୍ୟଗୁଡିକୁ, ଖରାପ କାର୍ଯ୍ୟର ଫଳ ପାପଗୁଡିକୁ ମିଶାଇ କର୍ମ ସମୂହ କହିଛନ୍ତି । କର୍ମ ସମୂହ ବା କର୍ମସଂଗ କହିଲେ ସମସ୍ତ କର୍ମ ବୋଲି ବୁଝାଯାଏ । କର୍ମସଂଗକୁ ଗ୍ରନ୍ଥ ଭାବରେ ତିନିଗୋଟି ମୂଳଗ୍ରନ୍ଥରେ କହିଥିବା ଜଣାଯାଏ । ଏହି କର୍ମ ଅଜ୍ଞାନୀମାନଙ୍କୁ ବୁଝାପଡି ନଥାଏ, ଏହା କେବଳ ଜ୍ଞାନୀମାନଙ୍କୁ ବୁଝାଯାଉଥିବା ଲିଖିତ କର୍ମ ବୋଲି ଜଣାଯାଏ । ଲେଖାଯାଇଥିବା କର୍ମ ଏକ ଗ୍ରନ୍ଥରୂପରେ ରହିଛି ବୋଲି ବଡମାନେ କହିବା ଭଳି ଆମକୁ ମଧ୍ୟ କିଛି ବୁଝାପଡିଛି । ଏହି ବିଷୟରେ ମୋର ଗୋଟିଏ ପ୍ରଶ୍ନ ହେଉଛି ! ମର୍ମ ଭାବରେ ଥିବା କର୍ମଗ୍ରନ୍ଥ କେତେ ଭାଗର ହୋଇ ରହିଛି ? ପାପ ଅଲଗା ଏବଂ ପୁଣ୍ୟ ଅଲଗା ହୋଇଥିବାରୁ କର୍ମ ଗ୍ରନ୍ଥ ଦୁଇଭାଗର ? କି ସବୁ ମିଶି ଗୋଟିଏ ? ମୋତେ ଟିକିଏ ବୁଝାଇ କୁହନ୍ତୁ ।

**ସମାଧାନ:-** ଆପଣଙ୍କ ପ୍ରଶ୍ନ ଖୁବ୍ ଭଲପ୍ରଶ୍ନ, କିନ୍ତୁ କର୍ମ ବାବଦରେ ମୁଁ କଣ ଏତେ କଥା କହି ପାରିବି ! ଏତେ ବଡ ବଡ ଜ୍ଞାନୀମାନେ ମଧ୍ୟ କର୍ମ ବାବଦରେ କହିବାକୁ ସକ୍ଷମ ହୋଇନଥାନ୍ତି । କାରଣ ! ଅତି ସୂକ୍ଷ୍ମ ଦୃଷ୍ଟି ଥିବା (ଜ୍ଞାନୀ) ବ୍ୟକ୍ତି କେବଳ ଏକଥା କହିପାରେ; ତଥାପି ଯେହେତୁ ଆପଣ ପଚାରିଛନ୍ତି, ମୋତେ ଯେତିକି ଜଣାଅଛି ମୁଁ ସେତିକି କହିବାକୁ ଚେଷ୍ଟା କରିବି । ମୁଁ ଏମିତି କାହିଁକି କହୁଛି କି ! ବଡ ବଡ ଜ୍ଞାନୀମାନେ କ'ଣ କର୍ମ ଆଉ କ'ଣ କର୍ମ ନୁହେଁ ଜାଣି ନପାରି ଭ୍ରମିତ ହୋଇଥାନ୍ତି ବୋଲି ଗୀତାର ଜ୍ଞାନ ଯୋଗରେ ଥିବା ୧୬ତମ ଶ୍ଳୋକରେ କୁହାଯାଇଛି ।

**କିଂ କର୍ମ କିମକର୍ମେତି କବୟୋପ୍ୟଽତ୍ର ମୋହିତାଃ ।**
**ତତେ କର୍ମ ପ୍ରବକ୍ଷାମି ଜଜ୍ ଜ୍ଞାତ୍ୱା ମୋକ୍ଷସେଽଶୁଭାତ୍ ॥**

ଏହି ଶ୍ଳୋକର ଭାବାର୍ଥ ହେଉଛି ! "କ'ଣ କର୍ମ, କ'ଣ କର୍ମ ନୁହେଁ ତାହା ପଣ୍ଡିତମାନେ ମଧ୍ୟ (ଜ୍ଞାନୀମାନେ ମଧ୍ୟ) ଜାଣି ନପାରି ଭୁଲ୍ କରିଥାନ୍ତି" । ଯୋଗୀ ବେମନ "ଦିବ୍ୟ ଜ୍ଞାନୀମାନେ କର୍ମକୁ ଜାଣିପାରନ୍ତି ସିନା ଅନ୍ୟକେହି ଜାଣିବା ଅସମ୍ଭବ" ବୋଲି କହିଥିଲେ । ଭଗବାନ ଶ୍ରୀକୃଷ୍ଣ, ମହାଯୋଗୀ ବେମନ କହିଥିବା କଥା ଅନୁସାରେ କର୍ମ ବାବଦରେ ଯାହା କହିଲେ ମଧ୍ୟ ତାହା ସତର୍କତାର ସହିତ କର୍ମକୁ ସମ୍ପୂର୍ଣ୍ଣ ଜାଣିବା ପରେ ହିଁ ତା ବାବଦରେ ଅନ୍ୟକାହାକୁ କହିବା ଉଚିତ୍ । ମୁଁ ଯୋଗୀ ବେମନଙ୍କ ଭଳି କେବେ ହୋଇ ନପାରିଲେ ମଧ୍ୟ ମୋ ପାଖରେ ଯିଏ ରହିଛି, ସେ ହିଁ ମୋର ହିତାକାଙ୍କ୍ଷି, ମୋ ଶରୀରର ପରିଚାଳକ, ଅଧିପତି, ତା'ରି ସହାୟତାରେ, ତା ସହିତ ମିଶି କହୁଛି ଯେ !

କର୍ମ ଏକ ଖଣି ଭଳି । ଖୋଳିବା ଅନୁସାରେ ସେଥିରୁ ଦ୍ରବ୍ୟ ବାହାରକୁ ଆସିଥାଏ । ସେହିଭଳି ଖଣିଜ ପଦାର୍ଥ ଥିବା ଖଣି ଭଳି ରହିଥାଏ ମର୍ମଗ୍ରନ୍ଥ । ମର୍ମଗ୍ରନ୍ଥକୁ ଅଜ୍ଞାନୀମାନେ ଦେଖିଲେ କେବଳ ତାହା ଏକ ସାଧା କାଗଜ ଭଳି ଦେଖାଯାଇଥାଏ, ସେଥିରେ ସେମାନଙ୍କୁ କୌଣସି ଲେଖା ଦେଖାଯାଇ ନଥାଏ । କାହାକୁ ଦେଖାଯାଉ ନଥିବା କାରଣରୁ ମର୍ମଗ୍ରନ୍ଥ ବୋଲି ଏହାକୁ କହୁଛୁ । ଏକଥା ବେମନଙ୍କ ଭାଷାରେ–

**ମହାନେ ଗାଆନ୍ତି କର୍ମ ଜ୍ଞାନ ସିନା**
**ନଜାଣନ୍ତି ତିଳେ ମରମ ଦାନା ।**
**କର୍ମଗ୍ରନ୍ଥେ ଅଛି କି ରଙ୍ଗର ଲିପି**
**ଦେଖି ନାହାନ୍ତିରେ ବିଶ୍ୱଧାବେମା ॥**

ବେମନ କହିଥିବା ଏହି ପଦ୍ୟର ଭାବ ଅନୁସାରେ କର୍ମ ବାବଦରେ ମହାନ ମହାନ ବ୍ୟକ୍ତିମାନେ କେତେକଥା କହୁଥିଲେ ମଧ୍ୟ ସେମାନଙ୍କୁ କର୍ମ କଅଣ ତାର ରହସ୍ୟ କ'ଣ ସେ ବାବଦରେ ଜଣାନଥାଏ । କର୍ମଗ୍ରନ୍ଥକୁ

ଖୋଲି ଦେଖିଲେ ମଧ୍ୟ ସେଥିରେ କଳାରଙ୍ଗର ଅକ୍ଷର ହେଉ କି ନାଲି ରଙ୍ଗର ଅକ୍ଷର ହେଉ ବା କୌଣସି ରଙ୍ଗର ଅକ୍ଷର ହେଉ ଦେଖାଯାଇ ନଥାଏ । ଏଭଳି ଗ୍ରନ୍ଥ ବାବଦରେ କହିବାବେଳେ ଯଦି ତା ବାବଦରେ ଜାଣିଛ ତେବେ କୁହ ନଚେତ ନାଇଁ ଜାଣି ନାହିଁ ବୋଲି କୁହ । ବେମନ ଏଇ କଥା ହିଁ ଜଣାଇଛନ୍ତି । ଏବେ ମୁଁ ମଧ୍ୟ ଏ ବାବଦରେ କହିପାରିବି ନାହିଁ, କିନ୍ତୁ ଯିଏ ମୋ ସହିତ ରହିଛି ତାକୁ ସବୁକିଛି ଜଣାଥାଏ, ସେ ହିଁ ସବୁକିଛି ମୋଦ୍ୱାରା କୁହାଉଛି । ସେ କଣ କହୁଛି ତାହା ଏବେ ଶୁଣନ୍ତୁ । କର୍ମଗ୍ରନ୍ଥ କେତେବଡ ଗ୍ରନ୍ଥ କାହାକୁ ଜଣାନଥାଏ, ସେହି ଗ୍ରନ୍ଥ ଯେତେ ପଢିଲେ ମଧ୍ୟ ଶେଷ ହୋଇନଥାଏ । କାରଣ ! ପଢୁଥିବା ଫର୍ଦ୍ଦଗୁଡିକ ଚିରି ଫିଙ୍ଗିଆସିଲେ ମଧ୍ୟ ତୁମେ ସେଥିରୁ ଯେତିକି ଫର୍ଦ୍ଦ ଚିରି ଫିଙ୍ଗୁଥିବ ତାଠାରୁ ଅଧିକ ଫର୍ଦ୍ଦ ମୁଁ ଗ୍ରନ୍ଥ ପଛରେ ଯୋଡିଦେଉଥିବି । ପଢି ଚିରି ଫିଙ୍ଗିଦେଉଥିବା ଫର୍ଦ୍ଦଗୁଡିକରେ ପୁଣି ନୂଆ ଲେଖା ଲେଖି, ମୁଁ ପଛରେ ଯୋଡିଦେଉଥିବାରୁ ଯିଏ ଯେତେ ପଢିଲେ ମଧ୍ୟ ତାହା କଦାପି ଶେଷ ହେଉନଥିବ । ଭୂପୃଷ୍ଠରେ କର୍ମଗ୍ରନ୍ଥ ମର୍ମଗ୍ରନ୍ଥ ହୋଇ ରହିଛି ବୋଲି ଶତକଡା ନବେ (୯୦)ଭାଗ ଲୋକଙ୍କୁ ଜଣାନଥାଏ । ୧୦ଭାଗ ଲୋକଙ୍କୁ କର୍ମଗ୍ରନ୍ଥ (ମର୍ମଗ୍ରନ୍ଥ) ଗୋଟିଏ ଅଛି ବୋଲି ଜଣାଥିଲେ ମଧ୍ୟ, ସେଥିରେ ଥିବା ଲେଖାଗୁଡିକ ଶତକଡା ସାତଭାଗ ଲୋକଙ୍କୁ ଦେଖାଯାଏ ନାହିଁ । ବଳକା ତିନିଭାଗ ଲୋକଙ୍କୁ କର୍ମଗ୍ରନ୍ଥର ଲେଖା ଦେଖାଗଲେ ମଧ୍ୟ, ସେମାନେ ପଢିପାରିଲେ ମଧ୍ୟ, ସେମାନଙ୍କ ଭିତରୁ ଶତକଡା ଦୁଇଭାଗ ଲୋକଙ୍କ ପାଇଁ ମୁଁ ଫର୍ଦ୍ଦଗୁଡିକ ବଢାଇଚାଲିଥାଏ ବୋଲି ଜଣାନଥାଏ । ଶହେରେ ମାତ୍ର ଜଣେ ଲୋକ କର୍ମଗ୍ରନ୍ଥ କେବେହେଁ ଶିଥିଳ ହୋଇନଥାଏ, ଯେତେ ପଢିଲେ ମଧ୍ୟ ପଛରେ କେଇଗୁଣା ଅଧିକ ଫର୍ଦ୍ଦ ଯୋଡିହୋଇ ଯାଇଥାଏ ଆଉ ସେହି ଗ୍ରନ୍ଥର ରକ୍ଷକ ଭାବରେ, ପର୍ଯ୍ୟବେକ୍ଷକ ଭାବରେ ମୁଁ ରହିଛି ବୋଲି ଜାଣି ପାରିଥାଏ, ସେମାନେ ସେଥିଲାଗି କର୍ମଗ୍ରନ୍ଥ ଉପରେ ଧ୍ୟାନ ନଦେଇ କେବଳ ମୋ ସହିତ ଏକାନ୍ତ ସହବାସ କରିଥାନ୍ତି । ତେଣୁ ସେମାନଙ୍କ ମୁଣ୍ଡରେ ମର୍ମ ଭାବରେ ଥିବା

କର୍ମଗ୍ରନ୍ଥକୁ ମୁଁ କାଢିଦେଇଥାଏ । କର୍ମଗ୍ରନ୍ଥ ଯାହା ମୁଣ୍ଡରେ ନଥାଏ ସେ ସେତେବେଳେ ମୋ ସହିତ ସମାନ ହୋଇଯାଏ କାରଣ ! ମୋର କର୍ମଗ୍ରନ୍ଥ ନଥାଏ । ସେହିଭଳି ତାର ମଧ୍ୟ କର୍ମଗ୍ରନ୍ଥକୁ ମୁଁ କାଢିନେଉଥିବାରୁ ତାର ମଧ୍ୟ କର୍ମଗ୍ରନ୍ଥ ରହେ ନାହିଁ । ସେତେବେଳେ ମୋ ସହିତ ସେ ସମାନ ହୋଇଯାଇଥାଏ ଏବଂ ଆମେ ଦୁହେଁ ଏକାଠି ହୋଇଯାଇଥାଉ । ସେ ୩, ମୁଁ ୬ ବୋଲି ଭାବନ୍ତୁ । ଆମେ ଦୁଇଜଣ ମିଶିଗଲେ ୯ ହୋଇଯାଉ । ଏଥିରେ ରହସ୍ୟ ଆଉ କେଉଁଠି ରହିଲା ! ୩ +୬ = ୯ ନୁହେଁକି ! ।

**୧୫) ପ୍ରଶ୍ନ :-** ମୁଁ ପଚାରୁଛି କଅଣ ? ଆପଣ କହୁଛନ୍ତି କଅଣ ? କର୍ମଗ୍ରନ୍ଥ ଭାଗ ଭାଗ ହୋଇ ଅଛି କି କଣ ପଚାରିଲେ ଆପଣ ମୋ ପ୍ରଶ୍ନର ଉତ୍ତର ନକହି, କଥାକୁ ଆଉଏକ ଦିଗକୁ ନେଇ ଶେଷରେ ୩ +୬ =୯ କହୁଛନ୍ତି, ଏଇ ୩ କଣ, ୬ କଣ ? ଆଉ ୯ କଅଣ ? ମୁଁ କିଛି ବୁଝିପାରୁନି । ସେସବୁ ଛାଡି ଆପଣ ମୋ ପ୍ରଶ୍ନର ଉତ୍ତର ଦିଅନ୍ତୁ । ବାସ୍ତବରେ ମୋ ପ୍ରଶ୍ନର ଉତ୍ତର ଆପଣଙ୍କୁ ଜଣାଅଛି କି ନାଇଁ ?

**ସମାଧାନ :-** ମୁଁ ଜାଣିଶୁଣି ତୋ' ପ୍ରଶ୍ନର ଉତ୍ତର ଦେଇନାହିଁ । ତୋର ସ୍ଥିତି କଣ ତୁ ଜାଣିବା ପରେ ଅନ୍ୟର ସ୍ଥିତିକୁ ଜାଣିପାରିବୁ । ସେଥିଲାଗି ତୋର ସ୍ଥିତି କଣ ତୁ ଜାଣିବା ପାଇଁ ୩ ୬ ୯ ବୋଲି କହିଲି । ତୁ ସବୁବେଳେ ୩, ମୁଁ ସବୁବେଳେ ୬ । ଏବେ ତୋ ସହିତ ଯିଏ କଥା ହେଉଛି ସେ ୩ ହୋଇଥିବା ମଣିଷ ନୁହେଁ ! ୬ ହୋଇଥିବା ମୁଁ । ପ୍ରଥମେ ତୋ ସାମ୍ନାରେ ଥିବା ମଣିଷ ହେଉଛି ମୁଁ, ତୋ ପ୍ରଶ୍ନର ଉତ୍ତର ଦେଇପାରିବି ନାହିଁ । ମୋ ଭିତରୁ ଯିଏ କୁହାଇ କହ ବୋଲି କହୁଛି ତା କଥା ତୁ ବିଲକୁଲ୍ ବୁଝିପାରି ନାହୁଁ । ତେଣୁ ତୁ ମୋତେ ସେ ବୋଲି ଭାବୁଛୁ । ତୋ ସାମ୍ନାରେ ଯାହାକୁ ଦେଖୁଛୁ ସେ ହେଉଛି ୩ । ତୋ ସହିତ ଯିଏ କଥା ହେଉଛି ସେ ହେଉଛି ୬ । ଏକଥା ତୁ ସହଜରେ ବୁଝିପାରିବୁ ନାହିଁ । ଏବେ ତୋ ପ୍ରଶ୍ନର ଉତ୍ତର ତୋ ସାମ୍ନାରେ ଯିଏ ରହିଛି ସେ କହିବ, ଶୁଣ୍ ।

ମୁଁ ତା'ରି ଦ୍ୱାରା କହୁଛି । ମର୍ମ ଗ୍ରନ୍ଥ ଭାବରେ ନାମିତ ହୋଇଥିବା କର୍ମଗ୍ରନ୍ଥ ତୁ ଭାବିବା ଭଳି ଦୁଇ ଭାଗରେ ନାହିଁ, ହେଲେ ତାହା ତିନି ଅଧ୍ୟାୟ ହୋଇ ରହିଛି । ଗୋଟିଏ ଅଧ୍ୟାୟରେ ୧୨ଗୋଟି ପାଠ୍ୟ ରହି ମୋଟ ତିନି ଅଧ୍ୟାୟରେ ୧୨ × ୩ = ୩୬ଟି ପାଠ୍ୟ ରହିଛି । ଗୋଟିଏ ଗୋଟିଏ ପାଠ୍ୟରେ ୯ଟି ଲେଖାଏଁ ସମାଚ୍ଛର ରହିଛି । ଏହି ହିସାବରେ ମୋଟ ଥିବା ୩୬ ପାଠ୍ୟରେ ୩୨୪ଟି ସମାଚ୍ଛର ରହିଛି ।

ଏଠାରେ ମୁଖ୍ୟତଃ ଧ୍ୟାନ ଦେବା ବିଷୟ ହେଉଛି ! ବାସ୍ତବିକ୍ କର୍ମଗ୍ରନ୍ଥ ୩୨୪ ଫର୍ଦ୍ଦର ଗ୍ରନ୍ଥ । କିନ୍ତୁ ସେଥିରୁ ଯେତେ ଫର୍ଦ୍ଦ କାଢିବା ସେତିକି ଫର୍ଦ୍ଦ କିମ୍ବା ତାଠାରୁ କେତେ ଅଧିକ ଫର୍ଦ୍ଦ ପଛରେ ଯୋଡିହୋଇ-ଯାଉଥିବାରୁ ତାର ସୀମା ନାହିଁ ବୋଲି କହିପାରିବା । ସେଥିରେ କେତେ ଫର୍ଦ୍ଦ ରହିଛି ବୋଲି ଜାଣିବା ସମ୍ଭବ ନୁହେଁ । ମାତ୍ର କେତେକ ଯୋଗୀମାନେ କର୍ମଗ୍ରନ୍ଥର ମର୍ମକୁ ଜାଣିଥାନ୍ତି । ଜାଣିବା ପରେ ଯଦି ସେମାନେ କହନ୍ତି ତାହା ଅନ୍ୟମାନେ ଶୁଣିବା ସ୍ଥିତିରେ ନଥାନ୍ତି । ତେଣୁ କର୍ମଗ୍ରନ୍ଥର ସିଦ୍ଧାନ୍ତ କାହାକୁ ବୁଝାପଡି ନଥାଏ । ପରମାତ୍ମା ଏହି ମର୍ମ କହିଥିବା ପ୍ରଥମ ହିନ୍ଦୁ ସମାଜର ଲୋକମାନଙ୍କୁ ମଧ୍ୟ ବୁଝାପଡି ନାହିଁ । ଅନ୍ୟ ସମାଜରେ ପରେ ପରେ ଆସିଥିବା ଗ୍ରନ୍ଥଗୁଡିକରେ ଥିବା କର୍ମ ରହସ୍ୟ କାହାକୁ ମଧ୍ୟ ବୁଝାପଡି ନାହିଁ । ନାସ୍ତିକବାଦୀମାନେ କର୍ମକୁ ମିଛକଥା ଭାବିଥାନ୍ତି । ଖ୍ରୀଷ୍ଟ, ଇସ୍ଲାମ୍ ମତଗୁଡିକରେ କର୍ମ କହିଲେ କଅଣ ସମ୍ପୂର୍ଣ୍ଣ ଭାବେ କେହି ବୁଝିପାରି ନାହାନ୍ତି । ବାଇବେଲ ଗ୍ରନ୍ଥ ଅପେକ୍ଷା କୋରାନ ଗ୍ରନ୍ଥରେ କର୍ମ ନାମକ ଶବ୍ଦ ଅନେକ ଥର ପ୍ରସ୍ତାବିତ ହୋଇଥିଲେ ମଧ୍ୟ ତାହା କେବଳ ସ୍ୱର୍ଗ ନରକ ପାଇଁ ରହିଛି ବୋଲି ବୁଝିଛନ୍ତି । ବାଇବେଲରେ କର୍ମକୁ ପାପ କୁହାଯାଇଥିବା ସ୍ଥଳେ, କୋରାନ ଗ୍ରନ୍ଥରେ କର୍ମଲେଖା, କର୍ମପୁସ୍ତକ, କର୍ମପତ୍ର, କର୍ମଗ୍ରନ୍ଥ ନାମକ ଶବ୍ଦଗୁଡିଏ ବ୍ୟବହାର କରି ସେଗୁଡିକର ନିକଟତମ ଭାବକୁ ଦର୍ଶାଇଥିଲେ ମଧ୍ୟ ସେମାନେ କର୍ମକୁ ବୁଝିବା ପାଇଁ ସ୍ୱର୍ଗ, ନରକର ଉପଯୁକ୍ତ ଭାବକୁ

ନବୁଝି ସ୍ୱର୍ଗ ନରକ ଆଉ କେଉଁଠି ଅଛି ବୋଲି ଭାବି ବସିଛନ୍ତି । ତାଛଡା ମୋକ୍ଷ ନାମକ ଜନ୍ମରହିତ ପ୍ରଣାଳୀକୁ ସ୍ୱର୍ଗ ଭାବରେ ତୁଳନା କରିବାରେ, କର୍ମବିଧି ଏବଂ କର୍ମରହିତ ବିଧି କ'ଣ ବୋଲି କେହି କିଛି ମଧ୍ୟ ବୁଝିପାରି ନାହାନ୍ତି । କୋରାନ ଗ୍ରନ୍ଥରେ ଉନ୍ନତ ଭାବରେ ଦିଆଯାଇଥିବା କର୍ମ ରହସ୍ୟକୁ ସେମାନେ ବୁଝିପାରି ନାହାନ୍ତି । ଜିବ୍ରାଇଲ୍ କହିଥିବା ଦୈବଜ୍ଞାନ କର୍ମର ରହସ୍ୟକୁ ଇସ୍ଲାମ ମତାବଲମ୍ବୀମାନେ, ବାଇବେଲରେ ଯୀଶୁ କହିଥିବା କର୍ମ ରହସ୍ୟକୁ ଖ୍ରୀଷ୍ଟିଆନମାନେ, ଗୀତାରେ ଶ୍ରୀକୃଷ୍ଣ କହିଥିବା କର୍ମ ରହସ୍ୟକୁ ହିନ୍ଦୁମାନେ ବୁଝିପାରି ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

**୧୬) ପ୍ରଶ୍ନ:-** ଆପଣ କହୁଥିବା ନିୟମ ଅନୁସାରେ କର୍ମ କେଉଁଠାରେ ଥାଏ ?

**ସମାଧାନ:-** ଶରୀରର ମୁଣ୍ଡରେ ଥିବା ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ନାମକ ଚାରିଚକ୍ର ସମୁଦାୟରୁ ଉପରେ ଥିବା ବ୍ରହ୍ମଚକ୍ରକୁ ଛାଡି ତା' ତଳେ ଥିବା କାଳ, କର୍ମଚକ୍ରକୁ ପରିଶୀଳନ କରି ଦେଖିଲେ, ତିନିଚକ୍ର ମଝିରେ ଥିବା କର୍ମଚକ୍ରରେ କର୍ମ ରହିଥାଏ, ସେହି କର୍ମଚକ୍ର ହିଁ କର୍ମଗ୍ରନ୍ଥ ଭାବରେ ରହିଛି, ସେହିଠାରେ ହିଁ କର୍ମ ଲିପିବଦ୍ଧ ହୋଇଥାଏ ବୋଲି ଜଣାପଡୁଛି । ପ୍ରତ୍ୟେକ ଶରୀରରେ ଥିବା ଆତ୍ମା ସେହି ଶରୀରର ପର୍ଯ୍ୟବେକ୍ଷକ ଭାବରେ ରହି, ତାର କର୍ମଚକ୍ରରେ ସେ କରୁଥିବା ଭଲମନ୍ଦ କାର୍ଯ୍ୟ ଗୁଡିକର ପୁଣ୍ୟ ଆଉ ପାପକୁ ଲିପିବଦ୍ଧ କରିଥାଏ । ସେହି ବିଷୟ କୋରାନ ଗ୍ରନ୍ଥର ୫୦ତମ ସୁରାରେ ଥିବା ୧୮ତମ ଆୟତରେ କୁହାଯାଇଛି, ଦେଖନ୍ତୁ । (୫୦-୧୮) **"ଏବଂ ମନୁଷ୍ୟ ଯାହାକିଛି କଥା କହିବ (ତାହାକୁ ଲିପିବଦ୍ଧ କରିବାକୁ) ତାହା ନିକଟରେ ଜଣେ ନିରୀକ୍ଷକ ଅଥବା ସଂରକ୍ଷକ ଥିବେ"** ବୋଲି କୁହାଯାଇଛି । ଏହି ବାକ୍ୟରେ ନିରୀକ୍ଷକ ଶବ୍ଦର ଉପଯୁକ୍ତ ପାତ୍ର ଭାବରେ ପ୍ରତ୍ୟେକ ଶରୀରର ଆତ୍ମା ରହିଥାଏ । ସେ ହିଁ ମଣିଷର ସମସ୍ତ କାର୍ଯ୍ୟ

କରିବା ସହିତ ମଣିଷ କରୁଥିବା ଭଲମନ୍ଦ କାର୍ଯ୍ୟକୁ ପୁଣ୍ୟପାପ ରୂପରେ ଲିପିବଦ୍ଧ କରିଥାଏ ବୋଲି ଜଣାଯାଉଛି । ତେଣୁ ଆତ୍ମାକୁ(ଙ୍କୁ) ଉଦ୍ଦେଶ୍ୟ କରି କୋରାନ ଗ୍ରନ୍ଥରେ ନିରୀକ୍ଷକ ଏବଂ ସଂରକ୍ଷକ ବୋଲି କୁହାଯାଇଛି ।

**୧୭) ପ୍ରଶ୍ନ :-** ମଣିଷ କରୁଥିବା ପ୍ରତ୍ୟେକ ଭୁଲ୍‌କୁ, ପ୍ରତ୍ୟେକ ଠିକ୍‌କୁ ଲିପିବଦ୍ଧ କରିବା ପାତ୍ର ଜଣେ ଅଛି, ତାହାକୁ ହିଁ ନିରୀକ୍ଷକ ବା ସଂରକ୍ଷକ କିମ୍ବା ଆତ୍ମା କହୁଛେ ! ତା'ହେଲେ ତାର ପ୍ରିୟଲୋକମାନେ ଭୁଲ୍ କଲେ ମଧ୍ୟ ଠିକ୍ ବୋଲି, ତାର ଯିଏ ପ୍ରିୟ ନୁହେଁ ସେ ଠିକ୍ କଲେ ମଧ୍ୟ ଭୁଲ୍ କଲା ବୋଲି ସେ ଲେଖିପାରିବ ! ଯଦି ସତରେ ଏଭଳି ହୁଏ ତେବେ ଯିଏ ଭୁଲ୍ କରିନାହିଁ ସେ ଅନ୍ୟାୟରେ ଦଣ୍ଡ ପାଇବା ଭଳି ହେବ ! ଭୁଲ୍ କରିନଥିବା ଲୋକ ଉପରେ ନିନ୍ଦା ଆରୋପଣ ହେବା କଣ ଠିକ୍ ! କଣ ଏଭଳି ହେବା ଆଶଙ୍କା ଥାଇପାରେ ?

**ସମାଧାନ :-** ସେଠାରେ ଯିଏ ଭଲମନ୍ଦ ଦେଖୁଛି ସେ ନିରୀକ୍ଷକ ବା ସଂରକ୍ଷକ, ସେ ଆମ ସରକାରଙ୍କ କର୍ମଚାରୀ ଭଳି ନୁହେଁ । ଭୂପୃଷ୍ଠରେ ଆମକୁ ସ୍ଥୁଳ ଭାବରେ ଦେଖାଯାଉଥିବା ସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା (ଗୁଲାମ୍ କରୁଥିବା) ବା ସରକାରଙ୍କ ସେବା କରୁଥିବା ଲୋକମାନେ କୌଣସି ଅନୀତି କରିପାରନ୍ତି । ଲାଞ୍ଚ ଦେଲେ ଭୁଲ୍ କୁ ଠିକ୍ କରିପାରନ୍ତି, କଳାକୁ ଧଳା, ଧଳାକୁ କଳା କରିପାରନ୍ତି, କିନ୍ତୁ ଦେଖାନଯାଇ ଶରୀର ଭିତରେ ହେଉଥିବା ଈଶ୍ୱରଙ୍କ ପରିପାଳନାରେ ସେଭଳି ନହୋଇ ସ୍ୱଚ୍ଛ ପରିପାଳନା ହୋଇଥାଏ । ଯେଉଁମାନେ ଐଶ୍ୱରୀୟ ଜ୍ଞାନକୁ ସମ୍ପୂର୍ଣ୍ଣ ଭାବରେ ଜାଣିଥାନ୍ତି ସେମାନେ ଈଶ୍ୱରଙ୍କ ପରିପାଳନାରେ କର୍ମଚାରୀ (ସେବକ) ହୋଇ ରହିଥାନ୍ତି । ଈଶ୍ୱରଙ୍କ ଗଭର୍ଣ୍ଣମେଣ୍ଟ୍ ପ୍ରତ୍ୟେକ ଶରୀରରେ ଥାଏ । ସମସ୍ତଙ୍କୁ ବାହାରେ ହେଉଥିବା ସରକାରୀ ପରିପାଳନା (ରାଜନୀତି) ବାବଦରେ ଜଣାଥାଏ ସିନା, ଭିତରେ ହେଉଥିବା ଈଶ୍ୱରଙ୍କ ପରିପାଳନା

(ରାଜନୀତି) ବାବଦରେ ଜଣାନଥାଏ ।  ବାହାରେ କେହି ମଧ୍ୟ ରାଜା ହେଉ କି ମନ୍ତ୍ରୀହେଉ ସେମାନେ ମାତ୍ର କିଛିକାଳ ପରିପାଳନା ଦାୟିତ୍ୱକୁ ତୁଲାଇ ପାରନ୍ତି, ସେହି କିଛି ସମୟର କାଳ ଚାଲିଗଲେ ସେମାନଙ୍କର ବଦଳି ହୋଇଥାଏ, କିନ୍ତୁ ଭିତର ଗଭର୍ଣ୍ଣମେଣ୍ଟ୍ କଦାପି ବଦଳି ନଥାଏ । ଦେଖାଯାଉ  ନଥିବା  ସେହି ଈଶ୍ୱରଙ୍କ ଗଭର୍ଣ୍ଣମେ୍ଟ୍ ର ସରକାର ଈଶ୍ୱର କେବେ ବଦଳି ନଥାନ୍ତି । ବାହାରେ ଅନେକ ମଣିଷ ଥାଆନ୍ତି, ତେଣୁ ସେମାନଙ୍କ ଭିତରୁ ଜଣକ ପରେ ଆଉ ଜଣେ ରାଜା ହୋଇପାରନ୍ତି କିମ୍ବା ମନ୍ତ୍ରୀ ହୋଇ ପାରନ୍ତି, ହେଲେ ସମଗ୍ର ସୃଷ୍ଟିର ଅଧିପତି ହୋଇ ଜଣେ ସର୍ବଦା ରହିଥାଏ । ତେଣୁ ବାହାରେ ରାଜା, ମନ୍ତ୍ରୀମାନେ ବଦଳିବା ଭଳି ସେଠାରେ କେହି ବଦଳିବା ସୁଯୋଗ ନଥାଏ । ଶାଶ୍ୱତ ଭାବରେ ଗୋଟିଏ ରାଜ୍ୟ, ଗୋଟିଏ ଅନୁଶାସନ, ଜଣେ ଅଧିପତି ରହିଥାନ୍ତି । ବାହ୍ୟ ପ୍ରପଞ୍ଚରେ ଥିବା ପରିପାଳକମାନେ ରାଜାକୁ ଭୟ ନକରି ଅବିନୀତି କରିପାରନ୍ତି, କିନ୍ତୁ ଭିତର ପରିପାଳନାରେ ଥିବା ସେବକମାନେ ସର୍ବଦା ବିନୟ ବିଧେୟତାର ସହିତ କାର୍ଯ୍ୟ କରିଥାନ୍ତି । ସେଥିଲାଗି ଈଶ୍ୱରଙ୍କ ପରିପାଳନାରେ ଅନ୍ୟାୟ ହେବା ସୁଯୋଗ ନଥାଏ । ଏହି କଥାକୁ ବଳ ଯୋଗଉଥିବା କୋରାନ ବାକ୍ୟ ହେଉଛି ୧୮ତମ ସୁରାର ୪୯ତମ ବାକ୍ୟରେ ଥିବା ଶେଷ ଅଂଶ । ଏଥିରେ **"ତୁମ୍ଭ ପାଳନକର୍ତ୍ତା କାହାରି ଉପରେ ଅତ୍ୟାଚାର କରନ୍ତି ନାହିଁ ବୋଲି ଲେଖାଯାଇଛି"** ।

ପ୍ରତ୍ୟେକ ଶରୀରରେ ସେମାନେ କରୁଥିବା ଭଲମନ୍ଦ କାର୍ଯ୍ୟର ଫଳକୁ ଲିପିବଦ୍ଧ କରୁଥିବା ପାତ୍ରକୁ ନିରୀକ୍ଷକ ଏବଂ ସଂରକ୍ଷକ ବୋଲି କୁହାଯାଇଛି, ତାଛଡା ସେ ଜଣେ ବୋଲି ମଧ୍ୟ ୫୦ତମ ସୁରାରେ ୧୮ତମ ଆୟତରେ ଲେଖା ରହିଛି । ହେଲେ ସେହିଠାରେ ଅର୍ଥାତ୍ ପୂର୍ବରୁ ଥିବା ୧୭ତମ ଆୟତରେ **"ସେ କିଛି କଲେ ମଧ୍ୟ ଦୁଇଜଣ ଲିପିବଦ୍ଧ କରନ୍ତି, ଜଣେ ଡାହାଣ ପାର୍ଶ୍ୱରେ ଥାଏ ଆଉ ଜଣେ ବାମପାର୍ଶ୍ୱରେ**

**ଥାଏ”** ବୋଲି ଲେଖାଯାଇଛି । ଏହି ବାକ୍ୟରେ ସେ ଅର୍ଥାତ୍ ମଣିଷ । ଜଣେ ମଣିଷ କୌଣସି କାର୍ଯ୍ୟକଲେ ମଧ୍ୟ, ତାହା ଭଲ ହେଉ ବା ମନ୍ଦ ସେସବୁକୁ ଦୁଇଜଣ ରହି ଲେଖିଥାନ୍ତି ବୋଲି କୁହାଯାଇଛି । ଏହି ବାକ୍ୟ ପାଖରେ ଥିବା ୧୮ତମ ବାକ୍ୟରେ ସବୁକିଛିକୁ ଲିପିବଦ୍ଧ କରୁଥିବା ପାତ୍ର ଜଣେ ଥାଏ, ସେ ହିଁ ନିରୀକ୍ଷକ ଏବଂ ସଂରକ୍ଷକ ବୋଲି କୁହାଯାଇଛି, କିନ୍ତୁ ୧୭ତମ ବାକ୍ୟକୁ ଲେଖିଥିବା ଲୋକମାନେ ଡାହାଣ ପାର୍ଶ୍ୱରେ ଏବଂ ବାମ ପାର୍ଶ୍ୱରେ ଦୁଇଜଣ ରହିଛନ୍ତି ବୋଲି କହିବା ବେଳେ, ୧୮ତମ ବାକ୍ୟରେ ନିରୀକ୍ଷକ ଏବଂ ସଂରକ୍ଷକ ବୋଲି କେବଳ ଗୋଟିଏ ପାତ୍ରକୁ କୁହାଯିବା ଦ୍ୱାରା ୧୭ତମ ବାକ୍ୟ ଏବଂ ୧୮ତମ ବାକ୍ୟ ପରସ୍ପର ବିରୁଦ୍ଧ ବୋଲି ଜଣାଯାଉଛି । କର୍ମକୁ ବା ଭୁଲ ଠିକ୍‌କୁ କିମ୍ବା ପାପପୁଣ୍ୟକୁ ଲିପିବଦ୍ଧ କରୁଥିବା ଦୁଇଜଣ ପାତ୍ର ମଣିଷ ଶରୀରର ବାମ ଏବଂ ଦକ୍ଷିଣରେ ରହିଛନ୍ତି ବୋଲି ୧୭ତମ  ବାକ୍ୟରେ ଯଦିଓ ଅଛି ତାହାକୁ ସ୍ପଷ୍ଟ ଭାବରେ ବୁଝିବାକୁ ପଡିବ । ଯଦି ଲିପିବଦ୍ଧ କରିବା ପାତ୍ର ଦୁଇଜଣ ଅଛନ୍ତି ସେ ଦୁଇଜଣ କିଏ କିଏ ବୋଲି ଜାଣିବାକୁ ପଡିବ, ସେ ଦୁଇଜଣ ମଣିଷର ଶରୀରରେ ଅଛନ୍ତି କି ବାହାରେ ଅଛନ୍ତି ? ବୋଲି ପ୍ରଥମେ ଜାଣିବାକୁ ପଡିବ । ଯଦି ଭିତରେ ଦୁଇଜଣ ଲିପିବଦ୍ଧ କରିବାକୁ ଅଛନ୍ତି ତେବେ, ସେ ଦୁଇଜଣ କିଏ ? ସେମାନଙ୍କ ବାବଦରେ କୋରାନ ବାଣୀ କହିଥିବା ଜିବ୍ରାଇଲ୍ କହିଛନ୍ତି କି ? ଯଦି ଅଛନ୍ତି ବୋଲି କହୁଛନ୍ତି ସେମାନେ କିଏ କିଏ ? ସେମାନଙ୍କୁ କେହି ଦେଖିଛନ୍ତି ? କିପରି ବିଶ୍ୱାସ କରିଛନ୍ତି ? ସେକଥା ଏଇଠି ରଖି, ଆପଣ ହିଁ ବିଶ୍ୱାସ କରିଛନ୍ତି ବୋଲି ଭାବିବା । ୧୭ ତମ ବାକ୍ୟରେ ବାମରେ, ଦକ୍ଷିଣରେ ଦୁଇଜଣ ରହି ଲେଖୁଛନ୍ତି ବୋଲି କୁହାଯାଇଥିବା କଥାକୁ ଛାଡି ଯଦି ୧୮ ତମ ବାକ୍ୟର ଜଣେ ପାତ୍ରକୁ ବିଶ୍ୱାସ କରିବା ତେବେ କେଉଁ ବାକ୍ୟଟି ସତ ? ଯଦି ଗୋଟିଏ ସତ ହେଲା ତେବେ ଅନ୍ୟ ବାକ୍ୟଟି ନିଶ୍ଚୟ ମିଛ ହେବ । ଆମେ କେଉଁକଥାକୁ ବିଶ୍ୱାସ କରିବା ? କେଉଁ ବାକ୍ୟ ଉପରେ

ରହିବା ? ଏହି ପ୍ରଶ୍ନଗୁଡିକର ସମାଧାନ ହୋଇଗଲେ ଈଶ୍ୱର କହିଥିବା ଜ୍ଞାନ କ'ଣ ବୁଝିହୋଇଯିବ ।

ଏତିକି ବେଳେ କେତେକଙ୍କଠାରେ ଏକ ସନ୍ଦେହ ଆସିପାରେ । ତାହା ହେଉଛି ! ପରସ୍ପର ବିରୁଦ୍ଧ ହୋଇଥିବା ଏହି ଦୁଇଟି ବାକ୍ୟ କ'ଣ ଦୈବବାଣୀ ? ଏହି ପ୍ରଶ୍ନର ଜବାବ ମୁସଲମାନ ଭାଇମାନଙ୍କୁ ହିଁ ଦେବାକୁ ପଡିବ, ସେମାନେ କଣ କହିବେ ମୁଁ ଜାଣି ନାହିଁ, କିନ୍ତୁ ମୁଁ ଜଣେ ମୁସ୍ଲିମ୍ ହୋଇଥିବାରୁ ମୋତେ ଯାହା ଜଣାଅଛି ତାହା ମୁଁ କହିପାରିବି । ମହମ୍ମଦ୍ ପ୍ରବକ୍ତାଙ୍କୁ କୋରାନ କହିଥିଲେ ମହାଜ୍ଞାନୀ ଜିବ୍ରାଇଲ୍ । ଜୀବ୍ରାଇଲ୍ ସୃଷ୍ଟି ପ୍ରାରମ୍ଭରେ ଶୁଣିଥିବା ଜ୍ଞାନ ମହମ୍ମଦଙ୍କୁ କହିଥିଲେ । ସୃଷ୍ଟ୍ୟାଦିର ଜ୍ଞାନ ହିଁ ସର୍ବପ୍ରଥମେ ସୂର୍ଯ୍ୟ ଭୂପୃଷ୍ଠର ମାନବକୁ କହିଥିଲେ । ସୂର୍ଯ୍ୟ କହିଥିବା ଜ୍ଞାନ ମୁଁ ଏବେ ତୋତେ କହୁଛି ବୋଲି ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଥିବା ଜ୍ଞାନ ହିଁ ଭଗବଦ୍ଗୀତା ହୋଇଥିଲା । ଏହି ଅନୁସାରେ ସୃଷ୍ଟ୍ୟାଦିରେ ହିଁ ଭଗବଦ୍ଗୀତା କୁହାଯାଇଥିଲା ବୋଲି ଭଲରେ ବୁଝିହେଉଛି, ସେହି ଜ୍ଞାନକୁ ଜିବ୍ରାଇଲ୍ ମହମ୍ମଦଙ୍କୁ କହିଥିଲେ ବୋଲି ବୁଝିବାରେ କିଛି ମଧ୍ୟ ସନ୍ଦେହ ବାକି ନାହିଁ । ଆମ ଦୃଷ୍ଟିରେ ଭଗବଦ୍ଗୀତା ଆଉ କୋରାନ ଜ୍ଞାନ ଭିତରେ କିଛି ଭିନ୍ନତା ନାହିଁ । ପ୍ରଥମେ କୁହାଯାଇଥିବା ଭଗବଦ୍ଗୀତା ଜ୍ଞାନକୁ ପ୍ରଥମ ଦୈବଗ୍ରନ୍ଥ କହୁଛୁ, ତାପରେ ସେହି ଜ୍ଞାନ ଶେଷରେ କୋରାନରେ କୁହାଯାଇଥିବାରୁ କୋରାନକୁ ଅନ୍ତିମ ଦୈବିଗ୍ରନ୍ଥ ବୋଲି କହୁଛୁ । ଏହା ଦୈବଜ୍ଞାନ । ଏହା ଆଦି ଅନ୍ତ ହୋଇ ଦୁଇ ଦିଗରେ ରହଛି । ତେଣୁ ଗୋଟିଏ ଦିଗରେ ଭଗବଦ୍ଗୀତାର ଜ୍ଞାନକୁ, ଅନ୍ୟ ଦିଗରେ ଥିବା କୋରାନର ଜ୍ଞାନକୁ ଅତୁଳନୀୟ ଜ୍ଞାନ ବୋଲି କହୁଛୁ, ସେହି ଜ୍ଞାନକୁ ମଣିଷ ଭଳିଏ ଭଳିଏ ବୁଝିଥାଇ ପାରନ୍ତି । ବାସ୍ତବରେ ତାହା ହିଁ ହୋଇଯାଇଛି, ସେଥିଲାଗି ଆମ ଭଗବଦ୍ଗୀତା ବୋଲି ହିନ୍ଦୁମାନେ କହୁଛନ୍ତି, ଆମ କୋରାନ ବୋଲି ମୁସ୍ଲିମ୍ମାନେ କହୁଛନ୍ତି । ସତକଥା କହିଲେ ଦୁଇଟିଯାକରେ ଗୋଟିଏ ଜ୍ଞାନ

ଅଛି, ଆମେ ତାହା ହିଁ ବୁଝିଛୁ । ସେଥିଲାଗି ମୁସ୍ଲିମ୍‌ମାନେ ଭଗବଦ୍ଗୀତା, ହିନ୍ଦୁମାନେ କୋରାନ ପଢି ସେଥିରେ ଥିବା ସତ୍ୟାସତ୍ୟକୁ ମିଳିତ ଭାବରେ ଜାଣନ୍ତୁ ବୋଲି କହୁଛୁ ।

ମୋତେ ଜଣାପଡିଯାଇଥିବା ଗୀତା ଜ୍ଞାନ ଦ୍ୱାରା, କୋରାନ ଜ୍ଞାନକୁ ସହଜରେ କହିପାରିବି ବୋଲି ମୋର ବିଶ୍ୱାସ ଅଛି । ତେଣୁ ୫୦ତମ ସୁରାର ୧୭,୧୮ତମ ବାକ୍ୟରେ ପରସ୍ପର ବିରୁଦ୍ଧ ଭାବରେ ଥିବା ଦୁଇ ବାକ୍ୟର ଭାବକୁ ମୁଁ  ବୁଝିପାରିଛି । ପରସ୍ପର ବିରୁଦ୍ଧ ଦେଖାଗଲେ ମଧ୍ୟ ଉଭୟ ବାକ୍ୟର ଭାବ ଗୋଟିଏ ବୋଲି ଜଣାପଡୁଛି । ଏହା କେତେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ  ମଧ୍ୟ ମୋତେ ସତ୍ୟବୋଧ ହେଉଥିବାରୁ ତାହା କହିବାକୁ ଯାଉଛି ।

ସେହି ଖାଫ୍ ନାମକ ୫୦ତମ ସୂରାରେ ଥିବା ୨୧ତମ ବାକ୍ୟ (ଆୟତ)ରେ ତିନିଜଣ ପୁରୁଷ ଦେଖାଯାଆନ୍ତି । ଏବେ ସେହି ବାକ୍ୟକୁ ଦେଖିବା । "ଏବଂ ପ୍ରତ୍ୟେକ ବ୍ୟକ୍ତି ଏପରି ଅବସ୍ଥାରେ ଆସିବେ ଯେ ତାହାଙ୍କ ସହିତ ଜଣେ ଚାଳକ ଓ ଜଣେ ସାକ୍ଷୀ ଥିବେ" ବୋଲି 'ପବିତ୍ର କୋରାନ' ଓଡିଆ ଗ୍ରନ୍ଥରେ ଲେଖା ଅଛି, ସେହିଭଳି "ପ୍ରତି ବ୍ୟକ୍ତି(ଜୀବ) ଜଣେ ଚାଳକ ସହିତ, ଜଣେ ସାକ୍ଷୀଙ୍କ ସହିତ ହାଜର ହେବ" ବୋଲି 'କୋରାନ ମଜିଦ୍' ନାମକ ତେଲୁଗୁ ଗ୍ରନ୍ଥରେ, ତାଛଡା "ପ୍ରତ୍ୟେକ ବ୍ୟକ୍ତି ତା ସାଥିରେ ତାକୁ ନେଇଆସିଥିବା ବ୍ୟକ୍ତି ଏବଂ ଜଣେ ସାକ୍ଷୀ ସହିତ ଥିବା ସ୍ଥିତିରେ ପହଞ୍ଚିବେ" 'ବୋଲି ଅନ୍ତିମ ଦୈବଗ୍ରନ୍ଥ କୋରାନ' ନାମକ ତେଲୁଗୁ ଗ୍ରନ୍ଥରେ,"ପ୍ରତି ଆତ୍ମା ଜଣେ ଜଗୁଆଳି ଏବଂ ଜଣେ ସାକ୍ଷୀ ସହିତ ଆସିବ" ବୋଲି 'କୋରାନ ଭାବାମୃତ ନାମକ ତେଲୁଗୁ ଗ୍ରନ୍ଥରରେ ମଧ୍ୟ ଦେଖିପାରିବେ । ଏଠାରେ ଚାରି ପାଞ୍ଚଗୋଟି କୋରାନରେ ଥିବା  ସମାଚାରକୁ ଜଣାଇଛୁ । ପ୍ରତ୍ୟେକ କୋରାନର ଭାଷାରେ କିଛି

ପରିବର୍ତ୍ତନ ଦେଖାଯାଉଥିଲେ ମଧ୍ୟ ଭାବ ଗୋଟିଏ ବୋଲି ଜଣାଯାଉଛି । ଏହି ୨୧ତମ ବାକ୍ୟରେ ତିନିଜଣ ପାତ୍ର ଦେଖାଯାଉଛନ୍ତି । ପ୍ରତି ମଣିଷ ଜଣେ ଚାଳକ ଏବଂ ଜଣେ ସାକ୍ଷୀ ଥିବା ଅବସ୍ଥାରେ ଆସିଥାଏ । ଚାଳକ ବା ପରିଚାଳକ ଭାବରେ ଜଣେ ଅଛି, ସାକ୍ଷୀ ଜଣେ ଅଛି ଏବଂ ଯିଏ ଚାଳିତ ହେଉଛି ସେ ଜଣେ ବା ଜୀବ ଜଣେ ହୋଇ ରହିଛି । ଏବେ ୧) ଚାଳିତ, ୨) ଚାଳକ, ୩) ସାକ୍ଷୀ ଏହିଭଳି ତିନିପାତ୍ର ରହିଥିବା ଲେଖାଯାଇଛି । ଏହି ତିନିପାତ୍ର ଭିତରେ ଯିଏ ସାକ୍ଷୀ ଭାବରେ ରହିଛି ସେ ଏବଂ ଯିଏ ଚାଳିତ ହେଉଛି ସେ, ଏଭଳି ଦୁଇପାତ୍ର ଯେଉଁମାନେ କି କୌଣସି କାର୍ଯ୍ୟ କରନ୍ତି ନାହିଁ ବୋଲି ସହଜରେ ଜଣାଯାଉଛି । ସାକ୍ଷୀ ଜଣକ କୌଣସି କାର୍ଯ୍ୟ ନକରି ସମ୍ପୂର୍ଣ୍ଣ ତଟସ୍ଥ ଭାବରେ ରହିଥିବା ବେଳେ, ଚାଳିତ ପାତ୍ର ଜଣକ ସ୍ୱତଃ ଚାଳିତ ହୋଇ ନପାରି ଜଣକ ଦ୍ୱାରା ଅର୍ଥାତ୍ ଚାଳକ ନାମକ ପାତ୍ର ଦ୍ୱାରା ଚାଳିତ ହେଉଛି । ଏହି ଚାଳକ ହେଉଛି ମୁଖ୍ୟପାତ୍ର । ସୃଷ୍ଟିର ପ୍ରତ୍ୟେକ ଜୀବକୁ ସେ ପରିଚାଳିତ କରିଥାଏ । ଚାଳକ ଜଣକ ସମସ୍ତଙ୍କୁ ଚଳନଶକ୍ତି ଦେଇ ପରିଚାଳିତ କରୁଥିବାରୁ ସୃଷ୍ଟି ଭିତରେ ନାନା ପ୍ରକାରର କାର୍ଯ୍ୟ ସମ୍ଭବ ହୋଇଥାଏ । ଏହି ଚାଳକ ଯଦି ଗାନ କରାଏ ତେବେ ମଣିଷ ଗୀତ ଗାଏ, ଯଦି ଖୁଆଏ ତେବେ ଖାଏ, ଯଦି ଶୁଆଏ ତେବେ ଶୁଏ । ଏହିଭଳି ସେହି ଚାଳକ ଜଣକ ଯାହା କରାଏ ମଣିଷ ତାହା କରିଥାଏ । ଚାଳକ, ଯାହା କରାଏ ମଣିଷ ସେହି କାର୍ଯ୍ୟ କରିଥାଏ । **କୌଣସି ମାନବ ଭୂପୃଷ୍ଠରେ ସ୍ୱୟଂ କୌଣସି କାର୍ଯ୍ୟ କରିପାରେ ନାହିଁ ।** ପ୍ରଥମ ପାତ୍ର ଜୀବ ବା ଜୀବାତ୍ମାକୁ ଦ୍ୱିତୀୟ ପାତ୍ର ଆତ୍ମା ଚାଳିତ କରାଇବା ବେଳେ ମଣିଷ ମରଣ ପର୍ଯ୍ୟନ୍ତ ନାନା କାର୍ଯ୍ୟ କରିଥାଏ । ତୃତୀୟ ପାତ୍ର ହୋଇଥିବା ସାକ୍ଷୀ ଚାଳକକୁ ଏବଂ ଚାଳିତକୁ କେବଳ ସାକ୍ଷୀହୋଇ ଦେଖିଥାଏ । ଆତ୍ମା ହିଁ ଚୈତନ୍ୟ ଭାବରେ ରହି ଜୀବକୁ ଚାଳିତ କରିଥାଏ । ଜୀବ ସ୍ୱୟଂ ଚାଳିତ ନୁହେଁ । ଏହି ଚାଳକ ପାତ୍ର ଚାଳିତର ଭଲମନ୍ଦକୁ ଲିପିବଦ୍ଧ କରିଥାଏ ।

ଆତ୍ମା ଭାବରେ ଥିବା ଚାଳକ ବା ପରିଚାଳକ ଜଣକ ସାରା ଶରୀରରେ ରହି ମଣିଷ ତା' ମନରେ ଯାହା ଭାବନା କଲେ ମଧ୍ୟ ତାହାକୁ ତୁରନ୍ତ ଲିପିବଦ୍ଧ କରିଥାଏ । ଜୀବାତ୍ମା ହେଉଛି ଚାଳିତ, ଆତ୍ମା ଜୀବାତ୍ମାକୁ ଚାଳିତ କରୁଥାଏ, ଏହି ଦୁଇଟି ବିଷୟକୁ ଜାଣି ନପାରି, ମୁଁ ସ୍ୱୟଂ ସବୁକିଛି କରୁଛି ବୋଲି ଭାବିଲେ, ମଣିଷ ଭୁଲ୍ ଭାବିଥାଏ ବୋଲି  କହିପାରିବା । ସେତେବେଳେ ପରିଶୀଳକ ଜଣକ (ଆତ୍ମା) ସେ ଯାହା ଭାବିଥାଏ ତାହାକୁ ଲପିବଦ୍ଧ କରି ଦେଇଥାଏ । ସାରା ଶରୀରରେ ବ୍ୟାପିରହି ନିରୀକ୍ଷକ, ସଂରକ୍ଷକ, ଏବଂ ଚାଳକ ଭାବରେ ଥିବା ଆତ୍ମା ଶରୀରର ଡାହାଣ କଡରେ ଏବଂ ବାମ କଡରେ ବ୍ୟାପି ରହିଥାଏ । ଶରୀରରେ ରହିଥିବା ଜୀବକୁ ଚାଳିତ କରୁଥିବା ଆତ୍ମା ଶରୀରରେ ଡାହାଣ ଏବଂ ବାମ ଭାଗରେ ବ୍ୟାପି ରହିଛି । ଏଭଳି ଶରୀରରେ ଚାଳକ ହୋଇଥିବା ଆତ୍ମା ଜଣେ ଏବଂ ଚାଳିତ ହେଉଥିବା ଜୀବାତ୍ମା ଜଣେ ରହିଥାନ୍ତି । ସବୁବେଳେ ଜୀବାତ୍ମା ସହିତ ରହିଥିବା ଆତ୍ମା ହିଁ ଜୀବାତ୍ମାର ପ୍ରତ୍ୟେକ କାର୍ଯ୍ୟର ଭାବକୁ ଗ୍ରହଣକରି ଲିଖିତ ଆକାରରେ ରଖିଥାଏ, ଏହି ଲିଖିତାକାରକୁ କର୍ମଗ୍ରନ୍ଥ କହନ୍ତି ।

ଜୀବାତ୍ମା ଆତ୍ମାଙ୍କ ବ୍ୟତୀତ ଶରୀରରେ, ଶରୀର ବାହାରେ ବିଶ୍ୱର ଅଣୁ ଅଣୁରେ ସର୍ବତ୍ର ବ୍ୟାପି ରହିଥାନ୍ତି ପରମାତ୍ମା (ଈଶ୍ୱର ବା ଅଲ୍ଲାଃ) । ସେ ହିଁ କ୍ରିୟା ରହିତ, ସେ କୌଣସି କାର୍ଯ୍ୟ କରନ୍ତି ନାହିଁ, ତାଙ୍କର ରୂପ ରୂପ ନୁହେଁ କି ତାଙ୍କର ନାମ ନାମ ନୁହେଁ, ତେଣୁ ସେହି ପରମାତ୍ମା ବା ଈଶ୍ୱର ରୂପ, ନାମ, କ୍ରିୟା ରହିତ, ଏହା ହିଁ ତାଙ୍କର ଧର୍ମ, ସେ ପ୍ରତ୍ୟେକ କ୍ରିୟାର ସାକ୍ଷୀ, ସେ କିଛି ନକଲେ ମଧ୍ୟ ଯାହା କରିବା କଥା ତାହା ତାଙ୍କର ପରିପାଳକ ବର୍ଗମାନଙ୍କ ଦ୍ୱାରା କରାଇଥାନ୍ତି । ପରମାତ୍ମାଙ୍କର କାର୍ଯ୍ୟ ସମୂହ ତାଙ୍କ ପରିପାଳକ (ସେବକ) ଯଥା ଗ୍ରହମାନଙ୍କ ଦ୍ୱାରା, ଭୂତମାନଙ୍କ ଦ୍ୱାରା, ଦେବଦୂତମାନଙ୍କ ଦ୍ୱାରା ହୋଇଥାଏ । ତେଣୁ ସେ କିଛି ନକରି କେବଳ ଦେଖିଥାନ୍ତି ବା ପ୍ରତ୍ୟେକ କାର୍ଯ୍ୟର ସାକ୍ଷୀ ଭାବରେ ରହିଥାନ୍ତି । ୫୦ତମ

ସୁରାର ୨୧ତମ ବାକ୍ୟ ଅନୁସାରେ ଜୀବାତ୍ମା ପରିଚାଳିତ ହୋଇଥାଏ, ପରିଚାଳିତ କରାଇଥାନ୍ତି ଆତ୍ମା, ସବୁକିଛିର ସାକ୍ଷୀ ପରମାତ୍ମା ବା ଈଶ୍ୱର ବୋଲି ଜଣିବା ଉଚିତ୍ । ୧୭ତମ ବାକ୍ୟରେ ଡାହାଣ ଏବଂ ବାମ ପାଖରେ ଦୁଇଜଣ ରହି ସବୁକିଛିକୁ ଲିପିବଦ୍ଧ କରିଥାନ୍ତି ବୋଲି ଲେଖାଯାଇଥିବା ବାକ୍ୟର ଏକ ବିବରଣୀ ରହିଛି, ଦେଖନ୍ତୁ ! ମଣିଷ କରୁଥିବା କାର୍ଯ୍ୟରୁ ଭଲ ଏବଂ ମନ୍ଦ ନାମକ ଦୁଇ ପ୍ରକାରର କାର୍ଯ୍ୟ ରହିଥାଏ । ଯିଏ ଭଲକାର୍ଯ୍ୟ ଦେଖିଥାଏ ସେ ଡାହାଣ ପାର୍ଶ୍ୱରେ ଏବଂ ସମସ୍ତ ମନ୍ଦ କାର୍ଯ୍ୟକୁ ଯିଏ ଦେଖିଥାଏ ସେ ବାମ ପାର୍ଶ୍ୱରେ ଥାଏ ବୋଲି ଲେଖାଅଛି । ଏହା କୋରାନର ଏକ "ମୁତସାବିହ" ବାକ୍ୟ ବା ସୂକ୍ଷ୍ମବାକ୍ୟ । ଏହି ବାକ୍ୟର ସ୍ଥୁଳ ଅର୍ଥକୁ ଗ୍ରହଣକଲେ କିଛି ବୁଝାପଡିବ ନାହିଁ । ଏହାକୁ ସୂକ୍ଷ୍ମ ଭାବ ଦ୍ୱାରା ଜାଣିବାକୁ ହୋଇଥାଏ । ଯେଉଁମାନେ ସୂକ୍ଷ୍ମ ଅର୍ଥରେ ବୁଝନ୍ତି, ସେମାନେ ଜାଣନ୍ତି ଯେ, ଭଲ ଏବଂ ମନ୍ଦ କାର୍ଯ୍ୟଗୁଡିକୁ ଲିପିବଦ୍ଧ କରିବାପାଇଁ ଆତ୍ମା ବାମ ଏବଂ ଡାହାଣ ଦିଗରେ ରହିଛି । ପ୍ରତ୍ୟେକ ମଣିଷର ଜଣେମାତ୍ର ସହବାସୀ ରହିଥାଏ, ସେ ହିଁ ଶରୀରର ଆତ୍ମା, ସେ ହିଁ ମଣିଷର ସାରା ଜୀବନର ସାଥି । ସେ ମଣିଷର ମରଣ ପର୍ଯ୍ୟନ୍ତ, ମରଣରୁ ଜନ୍ମ ପର୍ଯ୍ୟନ୍ତ ଚାଳକ ହୋଇ ରହିଥାଏ । ଜନ୍ମଠାରୁ ମରଣ ପର୍ଯ୍ୟନ୍ତ ସେ ହିଁ ମଣିଷର (ଜୀବର) ପରିଚାଳକ । ଏହିଭଳି ଭାବରେ ଥିବା ଏହି ପରିଚାଳକ ପାତ୍ର ଆତ୍ମାଙ୍କୁ କେହି ଜାଣିପାରି ନଥାନ୍ତି । ତୁମ ସହବାସୀ ବାବଦରେ ପରମାତ୍ମା (ଅଲ୍ଲାଃ) କୋରାନଗ୍ରନ୍ଥରେ ଯେତେ କହିଥିଲେ ମଧ୍ୟ, ମଣିଷ ତାହା ବୁଝିପାରି ନାହିଁ । କେତେକ ଏହି ସହବାସୀ, ନିରୀକ୍ଷକ, ବା ସଂରକ୍ଷକଙ୍କୁ ସୈତାନ୍ (ପ୍ରେତ, ପିଶାଚ) ଭାବରେ ତୁଳନା କରିଛନ୍ତି । ସୈତାନ ଅଲଗା ଏବଂ ସହବାସୀ ଆତ୍ମା ଅଲଗା ବୋଲି କେହି ବୁଝିପାରି ନାହାନ୍ତି । ତେଣୁ କୋରାନରେ ଅନେକ ଜ୍ଞାନ ବିଷୟ ଥିଲେହେଁ କେହି ତାହା ବୁଝିପାରୁ ନାହାଁନ୍ତି । ଏକେଶ୍ୱର ହୋଇଥିବା ପରମେଶ୍ୱରଙ୍କୁ ଜାଣିବାକୁ ହେଲେ କୋରାନ ଗ୍ରନ୍ଥରୁ କର୍ମ କହିଲେ କ'ଣ, ତାହା ମଣିଷଠାରେ କିପରି ରହିଥାଏ, ମଣିଷ କର୍ମକୁ କିପରି

ଅର୍ଜନ କରିଥାଏ ପ୍ରଥମେ ଜାଣିବା ଦରକାର । ମଣିଷ ପାଖରେ ଦୈବଗ୍ରନ୍ଥ ହୋଇଥିବା କୋରାନ ଗ୍ରନ୍ଥ ଥିଲେହେଁ ସେଥିରେ ଥିବା ଧର୍ମକୁ ସେ ଗ୍ରହଣ କରିପାରୁ ନାହିଁ । ପରମାତ୍ମା (ଅଲ୍ଲାଃ) ହେଉଛନ୍ତି ସୂକ୍ଷ୍ମ, ତାଙ୍କର ଜ୍ଞାନ ସୂକ୍ଷ୍ମ ତେଣୁ ତାଙ୍କୁ ସୂକ୍ଷ୍ମ ଜ୍ଞାନ, ସୂକ୍ଷ୍ମ ବିବରଣ ଦ୍ୱାରା ଜଣାଯାଇ ପାରେ । ନଚେତ କୋରାନର ବାକ୍ୟଗୁଡିକ ପରସ୍ପର ବିରୁଦ୍ଧ ଲାଗିଥାଏ, ତାହା କେବେ ମଧ୍ୟ ଉପଯୁକ୍ତ ଅର୍ଥରେ ବୁଝିହୁଏ ନାହିଁ । ୫୦ତମ ସୁରାର ୧୭ତମ ବାକ୍ୟ ଏବଂ ୧୮ତମ ବାକ୍ୟକୁ ସୂକ୍ଷ୍ମ ଦୃଷ୍ଟିରେ ନଦେଖିବା ପର୍ଯ୍ୟନ୍ତ କେହି ସତ କଥାକୁ ବୁଝି ପାରିବେ ନାହିଁ ।

ଚଳିତ, ଚଳକ ଏବଂ ସୂକ୍ଷ୍ମ ସାକ୍ଷୀଙ୍କ ବ୍ୟତୀତ ଦୁନିଆରେ ଆଉ କେହି ନଥାନ୍ତି । ପ୍ରତ୍ୟେକ  ଜୀବରାଶି  ହେଉଛି ଜୀବାତ୍ମା, ସେମାନଙ୍କୁ ପରିଚାଳିତ କରିଥାନ୍ତି ଆତ୍ମା, ସାକ୍ଷୀ ପରମାତ୍ମା । ଏହି ୩ ଆତ୍ମା ବ୍ୟତୀତ ଯାହାସବୁ ରହିଛି ତାହା ପ୍ରକୃତି । ଜୀବାତ୍ମା ଜୀବରାଶି ଭାବରେ ସର୍ବତ୍ର ରହିଥାନ୍ତି । ଆତ୍ମା ପ୍ରତ୍ୟେକ ଜୀବରାଶିର ସାକ୍ଷୀ ଭାବରେ ରହି ସେମାନଙ୍କୁ ପରିଚାଳିତ କରିଥାନ୍ତି । ବାଇବେଲରେ ଏହି ଆତ୍ମାଙ୍କୁ ପଡୋଶୀ କିମ୍ବା ଅନ୍ୟ ବୋଲି କୁହାଯାଇଛି । ପରମାତ୍ମା ସାକ୍ଷୀ ଭାବରେ ଆତ୍ମାଠାରୁ ସ୍ୱତନ୍ତ୍ର ହୋଇ ରହିଥାଆନ୍ତି ।  ପରମାତ୍ମାଙ୍କୁ ଆମେ ଈଶ୍ୱର, ଅବ୍ୟକ୍ତ, ଏଭଳି ଅନେକ ନାମରେ କହୁଛେ । ମଣିଷର ଜାତି, ମତ ଅଲଗା ଅଲଗା ହେଲେ ମଧ୍ୟ ପରମାତ୍ମା ହିଁ ସମସ୍ତଙ୍କର ସାକ୍ଷୀ ହୋଇ ରହିଥାନ୍ତି । ପ୍ରତ୍ୟେକ ମତରେ (ଧର୍ମରେ) ମଣିଷ ରହିଥାନ୍ତି । ମଣିଷର ଶରୀରରେ ଜୀବ ରହିଥାଏ । କୌଣସି ମତାବଲମ୍ବୀ ହେଉ ତାର ସାରା ଶରୀରରେ ଆତ୍ମା ପରିପୂର୍ଣ୍ଣ ହୋଇ ମଣିଷକୁ ପରିଚାଳିତ କରାଇଥାନ୍ତି । ଆତ୍ମା ପରିଚାଳିତ ନ କରାଇଲେ କୌଣସି ମଣିଷ ପରିଚାଳିତ ହୋଇପାରେ ନାହିଁ, ଆତ୍ମା ନଥିଲେ କେହି ନାହାନ୍ତି । ଆତ୍ମା ପ୍ରତ୍ୟେକଙ୍କଠାରେ ରହି ଚଳିତ କରାଉଥିବା ସ୍ଥଳେ ଏହି ବିଷୟକୁ ଜାଣି ନଥିବା ଅଜ୍ଞାନୀ ମାନବ ଆତ୍ମାଙ୍କ  ଦ୍ୱାରା  ହେଉଥିବା କାର୍ଯ୍ୟ

ଗୁଡିକୁ ନିଜେ କରୁଛି ବୋଲି ଭାବିଥାଏ । କୌଣସି ଶରୀରରେ ଥିବା ଆତ୍ମା ବିଧିକୁ କେହି ଜାଣିନଥାନ୍ତି । ଏବେ ମୁଁ ଏହି ଗ୍ରନ୍ଥ ଲେଖୁଛି ଅର୍ଥାତ୍ ଏହା ମୁଁ (ଜୀବ) ଲେଖୁ ନାହିଁ । ଏହି ଲେଖିବା କାର୍ଯ୍ୟ ଆତ୍ମା ମୋ ଶରୀର ଦ୍ୱାରା କରାଉଛନ୍ତି । ମନ୍ଦିରରେ ପୂଜାରୀ ପୂଜା କରୁ, ଜଣେ ହତ୍ୟାକାରୀ ହତ୍ୟା କରୁ କିମ୍ବା ଜଣେ ଏକ ବେଶ୍ୟା ସହିତ ସମୟ ବିତାଉ, ଜଣେ ଭୋକିଲା ବ୍ୟକ୍ତି ଖାଦ୍ୟ ଖାଉ, ଖେଳାଳୀଟି ଖେଳୁଥାଉ, ସୈନିକଟିଏ ଯୁଦ୍ଧ କରୁ, ନେତା ଭାଷଣ ଦେଉ, ବିରାଡି ମୂଷାକୁ ଆକ୍ରମଣ କରୁ, ସାପଟି ବେଙ୍ଗକୁ ଧରିଥାଉ, ଜଣେ ଗୁରୁ ତାର ଶିଷ୍ୟକୁ ବୋଧ କରୁ, ଜଣେ ପାଇଲଟ୍ ଆକାଶରେ ବିମାନ ଉଡାଉ, ଡାକ୍ତର ପେସେଣ୍ଟ୍ ର ଅପରେସନ କରୁ, ମୋର ଏହି ଲେଖାଯାଇଥିବା ଗ୍ରନ୍ଥକୁ କେହି ଘୃଣାକରୁ ବା କିଏ ପଢି ସନ୍ତୋଷ ଲାଭ କରୁ, ସବୁକିଛି ଆତ୍ମା କରାଇଥାନ୍ତି ବୋଲି କେହି ଭୁଲିବା ଉଚିତ୍ ନୁହେଁ । ପ୍ରପଞ୍ଚରେ ଥିବା ସମସ୍ତ ଜୀବରାଶି କରୁଥିବା ନିଜ ନିଜର କାର୍ଯ୍ୟ ପଛରେ ଆତ୍ମାଙ୍କର ହାତ ରହିଥାଏ । ତେଣୁ ଆତ୍ମାଙ୍କୁ ଚାଳକ ବୋଲି କୋରାନ ଗ୍ରନ୍ଥରେ ମହା ଜ୍ଞାନୀ ଜିବ୍ରାଇଲ୍ କହିଛନ୍ତି । ପରମାତ୍ମା (ଅଲ୍ଲାଃ) କିଛି କରିନଥାନ୍ତି ବୋଲି ଜିବ୍ରାଇଲଙ୍କୁ ଜଣାଥାଏ, ତେଣୁ ସେ ଅଲ୍ଲାଃଙ୍କୁ ସାକ୍ଷୀ କହିଛନ୍ତି । ସାକ୍ଷୀଭୂତ କହିଲେ ଭୂତ ବା ସମଗ୍ର ଜୀବର ସାକ୍ଷୀ ।

ଜୀବାତ୍ମା, ଆତ୍ମା, ପରମାତ୍ମାଙ୍କ ଭିତରୁ ପରମାତ୍ମା ହେଉଛନ୍ତି ସାକ୍ଷୀଭୂତ । ତେଣୁ ପରମାତ୍ମା, ଈଶ୍ୱର ବା ଅଲ୍ଲାଃ ସାକ୍ଷୀ ହୋଇଥିବାବେଳେ, ଆତ୍ମା ସମସ୍ତଙ୍କୁ ପରିଚାଳିତ କରୁଥିବା ଚୈତନ୍ୟ ସ୍ୱରୂପ ଶକ୍ତି ହୋଇ ରହିଥାନ୍ତି । ଜୀବାତ୍ମା ପ୍ରତ୍ୟେକ ଶରୀରରେ କର୍ମଜୀବି ଭାବରେ ରହି କର୍ମକୁ ଅନୁଭବ କରିବା ପାଇଁ ବଞ୍ଚିଥାଏ । ଏହି ତିନି ଆତ୍ମା ସୃଷ୍ଟି ଆରମ୍ଭରୁ ରହିଛନ୍ତି । ପ୍ରଥମେ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମାଙ୍କଠାରୁ ଆତ୍ମା ଏବଂ ଜୀବାତ୍ମା ସୃଷ୍ଟି ହୋଇଛନ୍ତି । ତେଣୁ ସର୍ବ ଜୀବରାଶିର ଏବଂ ଆତ୍ମାଙ୍କର ସୃଷ୍ଟିକର୍ତ୍ତା ହେଉଛନ୍ତି ପରମାତ୍ମା, ସେ ହିଁ ସମସ୍ତଙ୍କର ଅଧିପତି ହୋଇଥିବା ଈଶ୍ୱର ।

ଆତ୍ମା ଈଶ୍ୱରଙ୍କଠାରୁ ଜନ୍ମହୋଇ ସାରା ପ୍ରପଞ୍ଚକୁ ପରିଚାଳିତ କରାଉଛନ୍ତି । ପରମାତ୍ମାଙ୍କ ପରେ ଶକ୍ତିଶାଳି ପାତ୍ର ହେଉଛନ୍ତି ଆତ୍ମା । ଆତ୍ମାଙ୍କୁ ସମସ୍ତ ଐଶ୍ୱରୀୟ ଜ୍ଞାନ ଜଣାଥାଏ, କିନ୍ତୁ ଜୀବାତ୍ମା ସମ୍ପୂର୍ଣ୍ଣ ଅଜ୍ଞାନୀ ଭାବେ ଥାଏ । ପରମାତ୍ମା ମଣିଷକୁ ତିନୋଟି ପ୍ରଣାଳୀରେ ଜ୍ଞାନ ଜଣାଇଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ଭଗବଦ୍ଗୀତା, ବାଇବେଲ, କୋରାନ ରୂପରେ ଆମ ନିକଟରେ ଥିଲେ ମଧ୍ୟ, ସେଥିରେ ଥିବା ଜ୍ଞାନକୁ ଆମେ ଚିହ୍ନି ନପାରି ସେଥିରେ ମତ ନାମକ ରଙ୍ଗ ବୋଳିଦେଇଛେ । ମତ ନାମକ ମାୟାଠାରୁ ବହିର୍ଗତ ହୋଇ ନପାରି ସମଗ୍ର ସୃଷ୍ଟିର ସ୍ରଷ୍ଟାଙ୍କୁ ତୁମ ଈଶ୍ୱର, ଆମ ଈଶ୍ୱର ବୋଲି କହୁଛେ । ସବୁଗ୍ରନ୍ଥରେ ଥିବା ଗୋଟିଏ ଜ୍ଞାନକୁ ଅଲଗା ଅଲଗା କରିଦେଇଛେ । ଏହିଭଳି ଆମେ ସମ୍ପୂର୍ଣ୍ଣ ଅଜ୍ଞାନୀ ଭାବରେ ବଦଳିଯାଉଥିବା ବେଳେ, ଆମ ଭିତରେ ଥିବା ଆତ୍ମା ତାଙ୍କ କର୍ତ୍ତବ୍ୟ ନିର୍ବାହରେ ଆମକୁ ଦଣ୍ଡ ଦେବାକୁ ପଛାଇ ନଥାନ୍ତି; ତଥାପି ଏହି ଦଣ୍ଡ କେଉଁଠାରୁ ଆସୁଛି ମଣିଷ ଜାଣିବା ସ୍ଥିତିରେ ନଥାଏ ।

କେତେ ଅଜ୍ଞାନରେ ବୁଡିରହିଥିବା ମଣିଷକୁ ଆତ୍ମାଜ୍ଞାନ ଜାଣିବା ଭଳି ପରମାତ୍ମା ଆଧ୍ୟାତ୍ମିକ ବିଦ୍ୟାରେ ତିନି ଆତ୍ମାର ତିନିଗୋଟି ସଂକେତକୁ ରଖିଛନ୍ତି । ଜୀବାତ୍ମାର ସଂକେତ (ସଂଖ୍ୟା) ଗଣିତ ଶାସ୍ତ୍ର ଅନୁସାରେ (୩), ଆତ୍ମାର (୬) ଏବଂ ପରମାତ୍ମାଙ୍କର (୯) । ଏହିଭଳି ଜୀବାତ୍ମା ଆତ୍ମା ପରମାତ୍ମାଙ୍କ ପାଇଁ ୩ ୬ ୯ କୁ ସଂକେତ ଭାବରେ କୁହାଯାଇଛି । ଏହିଭଳି ଭିନ୍ନ ତିନି ସଂଖ୍ୟାର ମୁଲ୍ୟରେ ସେ ସଂକେତ ହୋଇ ରହିବା ଦ୍ୱାରା ତିନି ଆତ୍ମା ଭିନ୍ନ ଭିନ୍ନ ପ୍ରଭାବ ବିଶିଷ୍ଟ ହୋଇ ରହିଛନ୍ତି ବୋଲି ସହଜରେ ଜାଣିହେଉଛି । ଏବେ ଚାଳିତ ହେଉଥିବା ୩ ସଂକେତ ଜୀବାତ୍ମାର, ଚାଳକ ହୋଇଥିବା ୬ ସଂକତେ ଆତ୍ମାର, ୯ ସଂକେତଟି ସାକ୍ଷୀ ହୋଇଥିବା ଈଶ୍ୱରଙ୍କର ବୋଲି ଜାଣିହେଉଛି । (ଏହି ବିଷୟକୁ "ସୃଷ୍ଟିକର୍ତ୍ତା କୋର୍ଡ (ଈଶ୍ୱରଙ୍କ ସଙ୍କେତ)– ୯୬୩' ନାମକ ଗ୍ରନ୍ଥରେ ବିପୁଳ ଭାବରେ ଲେଖାଯାଇଛି) । ଏହି ତିନି

ଆତ୍ମାର ବିଷୟକୁ ଶ୍ରୀକୃଷ୍ଣ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୬/୧୭ତମ ଶ୍ଳୋକରେ କ୍ଷର, ଅକ୍ଷର, ପୁରୁଷୋତ୍ତମ ବୋଲି କହିଛନ୍ତି । ସର୍ବ ପ୍ରପଞ୍ଚର ମୂଳ ଏହି ତିନି ଆତ୍ମାଙ୍କୁ କୋରାନ ଗ୍ରନ୍ଥର ୫୦ତମ ସୁରାରେ ଥିବା ୨୧ତମ ଆୟତରେ କହିଥିଲେ ମଧ୍ୟ ଏପର୍ଯ୍ୟନ୍ତ ବୁଝିହୋଇ ନାହିଁ । ଏବେ ଏହା ପୂର୍ବରୁ ପଚାରିଥିବା ପ୍ରଶ୍ନର ଜବାବ ମିଳିଗଲା କି ନାଇଁ! ଯଦି ଆଉ କିଛି ପ୍ରଶ୍ନ ଅଛି ପଚାରି ପାରନ୍ତି ।

**୧୮) ପ୍ରଶ୍ନ:-** ଆପଣ କର୍ମ ଗ୍ରନ୍ଥରେ ତିନି (୩) ଅଧ୍ୟାୟ, ଛତିଶି (୩୬) ପାଠ୍ୟ ଏବଂ ତିନିଶହ ଚବିଶି (୩୨୪) ସମାଚାର ଅଛି ବୋଲି ଲେଖିଛନ୍ତି! ତା' ବାବଦରେ କିଛି କହନ୍ତୁ?

**ସମାଧାନ:-** ଏହା ପୂର୍ବରୁ ତିନି ଆତ୍ମାର ବିବରଣରେ ଯେଉଁ ବିବରଣୀ ଦେଇଥିଲୁ ତା ଭିତରେ ଜୀବାତ୍ମା ଏବଂ ପରମାତ୍ମାଙ୍କୁ ବାଦ୍ ଦେଲେ ବାକି ରହିଥିବା ଆତ୍ମା ସର୍ବ ଜୀବରାଶିଙ୍କୁ ପରିଚାଳିତ କରୁଛନ୍ତି ବୋଲି କହିଥିଲୁ, ହେଲେ ତାକୁ ଆତ୍ମା ପରିଚାଳିତ କରୁଛନ୍ତି ବୋଲି ଜାଣିନଥିବା ଜୀବାତ୍ମା ସବୁକିଛି ନିଜେ କରୁଛି ବୋଲି ଭାବିବା ଦ୍ୱାରା ସେ କରୁଥିବା ଭଲ କିମ୍ବା ମନ୍ଦ କାର୍ଯ୍ୟର କାରକ ହୋଇଯାଉଛି, ତଦ୍ୱାରା ସେ ଯେଉଁ କର୍ମବନ୍ଧନରେ ପଡୁଛି ତାହାକୁ ପରିଶୀଳନ କଲେ, ନିରୀକ୍ଷକ ବା ସଂରକ୍ଷକ ଭାବରେ ଶରୀରରେ ଥିବା ଆତ୍ମା ସେସବୁକୁ ଜୀବର କର୍ମଚିଠାରେ ଲିପିବଦ୍ଧ କରୁଛନ୍ତି । କର୍ମଚିଠାକୁ ହିସାବକଲେ କର୍ମ ମୋଟ ୩୨୪ଟି ହୋଇଥାଏ । ପ୍ରତ୍ୟେକ ପ୍ରକାରର କର୍ମ ଗୋଟିଏ ଗୋଟିଏ ଚିଠା ହୋଇଥାଏ । ଏହିଭଳି ସମ୍ପୂର୍ଣ୍ଣ କର୍ମଚିଠାକୁ ବିଭାଜନ କଲେ ମୋଟ ୩୨୪ଗୋଟି ହୋଇଥାଏ । ସେଥିଲାଗି ସେଗୁଡିକର ସମାଚାର ୩୨୪ଟି ବୋଲି କୁହାଯାଏ । ଏ ବାବଦରେ ବିବରଣାତ୍ମକ କହିଲେ, ପ୍ରତି ମଣିଷର ଭଲ ମନ୍ଦ କାର୍ଯ୍ୟ କରାଇବା ପାତ୍ର ହେଉଛନ୍ତି ଆତ୍ମା । ଆତ୍ମା କରାଉଛନ୍ତି ବୋଲି ଜାଣିନଥିବା

ଲୋକମାନେ ପ୍ରତ୍ୟେକ କାର୍ଯ୍ୟକୁ ଆମେ କରୁଛୁ ବୋଲି ଭାବିଥାନ୍ତି । ଏହିଭଳି ଭାବିବା ଦ୍ୱାରା ପାପପୁଣ୍ୟ ନାମକ କର୍ମବନ୍ଧନରେ ପଡିଥାନ୍ତି । ତେଣୁ ଜୀବର ଭାବ ଅନୁସାରେ କର୍ମଗୁଡିକୁ ଆତ୍ମା ତାଙ୍କର କର୍ମଗ୍ରନ୍ଥରେ ଲିପିବଦ୍ଧ କରୁଛନ୍ତି । ଆତ୍ମା ଏଭଳି କର୍ମକୁ ଲିପିବଦ୍ଧ କରନ୍ତି ବୋଲି କୋରାନ ଗ୍ରନ୍ଥର ୮୩ତମ ସୁରାରେ ଥିବା ୭ମ, ୮ମ ଏବଂ ୯ମ ଆୟତ ଗୁଡିକରେ (ବାକ୍ୟ ଗୁଡିକରେ) 'ସିଜ୍ଜୀନ' ନାମରେ କୁହାଯାଇଛି । (ସୁଚନା:- କୋରାନର ଆୟତଗୁଡିକର ସଂଖ୍ୟା ମେଳାଇବା ବେଳେ ପରବର୍ତ୍ତୀ ସଂଖ୍ୟାଠାରୁ ମେଳାଇ ଦେଖିବେ ।) **(ସୁରା ୮୩ - ଆୟତ - "(୭) (ସେମାନେ ଯାହା ବୁଝୁଛନ୍ତି) ସେପରି ନୁହେଁ ; ଦୁରାଚାରୀମାନଙ୍କ ପ୍ରତି (ସେମାନଙ୍କ କର୍ମର ପ୍ରତିଫଳ ସମ୍ବନ୍ଧୀୟ) ବାସ୍ତବରେ ସିଜ୍ଜୀନ (ଅର୍ଥାତ୍ ଏକ ସ୍ଥାୟୀ ପୁସ୍ତକରେ ଅଛି) । (୮) ଏବଂ ସିଜ୍ଜୀନ କ'ଣ, ଏହା ତୁମ୍ଭଙ୍କୁ କିଏ ଜଣାଇଛି ? (୯) ଏହି କର୍ମଚିଠାକୁ ଅନନ୍ତ କାଳରୁ ଲେଖାଯାଇଥିବା ଆଦେଶ ବୋଲି କୁହାଯାଇଛି"** । ତାହା ହିଁ ଏକ ସ୍ଥାୟୀ ପୁସ୍ତକ ବୋଲି ସ୍ପଷ୍ଟ ଭାବରେ ଲେଖାଯାଇଛି । ମଣିଷର ଭାବ ଜାଣିବାକୁ ହେଲେ ମଣିଷର କର୍ମଚକ୍ର ତଳେ ଥିବା ଗୁଣଚକ୍ରକୁ ଯାଇ ଜାଣିବାକୁ ହୋଇଥାଏ । ଗୁଣ ଚକ୍ରରେ ହିଁ ଜୀବାତ୍ମା ରହିଥାଏ । ସେଠାରେ ଥିବା ଜୀବତ୍ମା ରହିଥିବା ଗୁଣଭାବରେ ପ୍ରଭାବିତ ରହିଥାଏ । ଏହି ଗୁଣଚକ୍ର ତିନି ଭାଗ ହୋଇ ରହିଛି । ତିନି ଗୁଣଭାଗର ତିନିଗୋଟି ନାମ ଥାଏ । ଗୋଟିଏ ଭାଗର ନାମ 'ତାମସ', ଗୋଟିଏ ଭାଗର ନାମ 'ରାଜସ' ଏବଂ ଆଉଏକ ଭାଗର ନାମ 'ସାତ୍ତ୍ୱିକ' । ଏହି ତିନି ଭାଗରୁ ପ୍ରତ୍ୟେକ ଭାଗରେ ୧୨ଟି ଲେଖାଏଁ ଗୁଣ ରହିଥାନ୍ତି । ପ୍ରତ୍ୟେକ ଭାଗର ଗୁଣଗୁଡିକରେ ଛଅଗୋଟି ଭଲଗୁଣ ଏବଂ ଛଅଗୋଟି ମନ୍ଦଗୁଣ ରହିଥାଏ । ଛଅଗୋଟି ମନ୍ଦଗୁଣକୁ କ୍ରମାନ୍ୱୟରେ କହିଲେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ । ସେହିଭଳି ଭଲ ଗୁଣଗୁଡିକ ହେଉଛନ୍ତି ଦାନ, ଦୟା, ଉଦାରତା, ବୈରାଗ୍ୟ,

ବିନୟ ଏବଂ ପ୍ରେମ । ଏହି ଭଲଗୁଣଗୁଡିକ ମନ୍ଦଗୁଣଗୁଡିକର ବ୍ୟତିରେକ ହୋଇ ରହିଥାନ୍ତି ।

ଗୋଟିଏ ଗୁଣଭାଗରେ ଛଅଗୋଟି ମନ୍ଦଗୁଣ ଏବଂ ଛଅଗୋଟି ଭଲଗୁଣ ମିଶି ମୋଟ ୧୨ଗୋଟି ଗୁଣ ରହିଥାନ୍ତି । ଗୋଟିଏ ଭାଗରେ ୧୨ଗୋଟି ଗୁଣ ହିସାବରେ ତିନି ଗୁଣଭାଗର ମୋଟ ଗୁଣସଂଖ୍ୟା ୩୬ ହୋଇଥାଏ । ଜୀବ ଏହିଭଳି ଥିବା ୩୬ଗୋଟି ଗୁଣରେ ବିଚରଣ କରିଥାଏ ଅର୍ଥାତ୍ ୩୬ଗୋଟି ଗୁଣଭାବରେ ପ୍ରଭାବିତ ହୋଇଥାଏ । ପ୍ରତ୍ୟେକ ଭାଗରେ ଥିବା ଗୋଟିଏ ଗୁଣ ୯ଭାଗରେ ବିଭାଜିତ ହୋଇ ରହିଥାଏ ବା ନଅ ପ୍ରକାରର । ଉଦାହରଣ ସ୍ୱରୂପ କାମ (ଆଶା) ନାମକ ଗୁଣ ନଅ ପ୍ରକାରର ହୋଇ ରହିଥାଏ । ପ୍ରଥମେ ବଡଆଶା, ତାପରେ ତାଠାରୁ ଟିକିଏ ଛୋଟ ଆଶା, ତାପରେ ତାଠାରୁ ଆଉ ଟିକିଏ ଛୋଟ ଆଶା ଏହିଭଳି ଆଶା ନଅ ପ୍ରକାରର ହୋଇ ରହିଥାଏ । ପ୍ରତି ଗୁଣ ୯ ପ୍ରକାର ପରିମାଣରେ ଥାଏ, ସେହି ଅନୁସାରେ ଗୋଟିଏ ଭାଗରେ ଥିବା ୧୨ଗୋଟି ଗୁଣର ଭିନ୍ନ ଭିନ୍ନ ପରିମାଣକୁ ମିଶାଇଲେ ମୋଟ ୧୦୮ ପ୍ରକାରର ଗୁଣ ହୋଇଥାଏ । ସେହି ହିସାବରେ ପ୍ରତ୍ୟେକ ଭାଗରେ ଥିବା ୧୦୮ ପ୍ରକାରର ଗୁଣକୁ ମିଶାଇଲେ ମୋଟ ୩୨୪ ହୋଇଥାଏ । ପ୍ରଥମେ କର୍ମଚକ୍ର ତିନି ଭାଗରେ ରହିବା ଦ୍ୱାରା କର୍ମଗ୍ରନ୍ଥକୁ ତିନି ଭାଗର ବୋଲି କହି ୩ ଅଧ୍ୟାୟ କୁହାଯାଇଛି । ସେହିଭଳି ପ୍ରତ୍ୟେକ ଭାଗରେ ୧୨ଗୋଟି ଗୁଣ ରହିବା ଦ୍ୱାରା ମୋଟ ୩୬ ଗୋଟି ପାଠ୍ୟ ରହିଛି ବୋଲି କହିବାକୁ ପଡିଛି । ତାପରେ ଗୋଟିଏ ଗୋଟିଏ ଗୁଣ ୯ ଭାଗରେ ରହିଥିବାରୁ ଗୋଟିଏ ଗୋଟିଏ ଗୁଣ ଭାଗରେ ୧୦୮ ଗୁଣ ରହିଯିବାରୁ ଗୁଣଚକ୍ରର ତିନି ଭାଗରେ ମୋଟ ୩୨୪ଗୋଟି ଗୁଣ ରହିଛି । ତେଣୁ କର୍ମଗ୍ରନ୍ଥରେ ୩୨୪ଗୋଟି ସମାଚାର ରହିଛି ବୋଲି କହିବାକୁ ପଡିଛି ।

ପ୍ରତ୍ୟେକ ମଣିଷ ନିଜ ଗୁଣଚକ୍ରର ଗୁଣ ଅନୁସାରେ ଭାବ ପାଇଥାଏ । ତେଣୁ ମଣିଷ ପାଉଥିବା ୩୨୪ ଭାବ ଅନୁସାରେ ତାକୁ ୩୨୪ ପ୍ରକାରର କର୍ମ ବନ୍ଧନରେ ପଡିବାକୁ ହୋଇଥାଏ । ଏହି ୩୨୪ ପ୍ରକାରର କର୍ମକୁ ଶରୀରରେ ରହିଥିବା ଆତ୍ମା ଜୀବର ଭାବ ଅନୁସାରେ ଲିପିବଦ୍ଧ କରିଥାନ୍ତି । ତେଣୁ କର୍ମର ସ୍ଥିର ପୁସ୍ତକରେ ୩୨୪ ସମାଚ୍ଛର, ୩୬ ପାଠ୍ୟ ରହିଛି ବୋଲି କହିପାରିବା । ୩୬ ପାଠ୍ୟ ତାମସ, ରାଜସ, ସାତ୍ତ୍ୱିକ ଭାବରେ ୩ ଅଧ୍ୟାୟ ହୋଇ ରହିଛି । ମଣିଷ ପ୍ରାପ୍ତ ହେଉଥିବା ଭାବ ଅନୁଯାୟୀ ତାର ଉପଯୁକ୍ତ ପାପ ପୁଣ୍ୟକୁ ନିରୀକ୍ଷକ ବା ସଂରକ୍ଷକ ଆତ୍ମା କର୍ମ ରୂପରେ ଲିପିବଦ୍ଧ କରିଥାନ୍ତି । ମଣିଷର ପ୍ରତ୍ୟେକ ଭାବ ଦ୍ୱାରା ଏକ କର୍ମ ତିଆରି ହୋଇଥାଏ । ପ୍ରତ୍ୟେକ ମଣିଷର ୧୬୨ ଗୋଟି ଭଲଗୁଣର ଭାବ ଏବଂ ୧୬୨ ଗୋଟି ମନ୍ଦ ଗୁଣର ଭାବ ରହିବା ଦ୍ୱାରା କର୍ମ ମଧ୍ୟ ସେହି ହିସାବ ଅନୁଯାୟୀ ଲିପିବଦ୍ଧ ହୋଇଥାଏ । କର୍ମଗ୍ରନ୍ଥକୁ ଯେତେ ପଢିଲେ ମଧ୍ୟ ଶେଷ ହୋଇନଥାଏ, ସେହିପରି ସେଥିରୁ ଥିବା ଫର୍ଦ୍ଦଗୁଡିକୁ ପଢି (ଅନୁଭବ କରି) ଗୋଟିଏ ଗୋଟିଏ କରି ଚିରି ଫିଙ୍ଗିଦେଲେ ମଧ୍ୟ ଫର୍ଦ୍ଦ ଶେଷହୋଇ ନଥାଏ । ତେଣୁ ଏହି କର୍ମଗ୍ରନ୍ଥ ବାବଦରେ କାହାକୁ ସଠିକ ଜଣାନାହିଁ କହିଲେ ଅତ୍ୟୁକ୍ତି ହୋଇ ନଥାଏ । କର୍ମ କିପରି ତିଆରି ହୋଇଥାଏ କାହାକୁ ଜଣା ନଥିବା ସ୍ଥଳେ, କର୍ମ କିପରି ଅନୁଭବରେ ଆସେ ତା ମଧ୍ୟ କାହାକୁ ଜଣାନଥାଏ ବୋଲି କହିପାରିବା । କର୍ମ କିପରି ପ୍ରବେଶ କରେ, ତାହାକୁ କିଏ ଲିପିବଦ୍ଧ କରେ ନ ଜାଣିଲେ, ତାହା କିପରି ଆମର ଅନୁଭବ ହୁଏ କେହି ଜାଣିବା ସମ୍ଭବ ହୋଇନଥାଏ । କର୍ମ ସମ୍ଭବହେବା ବିଷୟ ପ୍ରାୟ ପ୍ରତ୍ୟେକ ମତର ଲୋକଙ୍କୁ ଜଣାନାହିଁ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସେହିଭଳି କର୍ମ କିପରି ଅନୁଭବ କରୁଛେ, କେଉଁଠାରେ ଅନୁଭବ କରୁଛେ କେହି ମଧ୍ୟ ଜାଣି ନାହାନ୍ତି । ସେଥିଲାଗି ଭଗବଦ୍ଗୀତାରେ କର୍ମ ବିଷୟରେ କୁହାଯାଇଛି । ବାଇବେଲ,

କୋରାନରେ ମଧ୍ୟ କୁହାଯାଇଛି; ତଥାପି କର୍ମ ବିଧାନକୁ ବୁଝି ନପାରି, କର୍ମ ବାବଦରେ ନଜାଣି ମଣିଷ କର୍ମ ବନ୍ଧନରେ ପଡୁଛି । ସେହିଭଳି କିଛି ନଜାଣି ମଧ୍ୟ ଅନୁଭବ କରୁଛି ।

**୧୯) ପ୍ରଶ୍ନ :-** ଈଶ୍ୱର ମଣିଷକୁ ଦେଇଥିବା ତିନି ଦୈବଗ୍ରନ୍ଥରେ କର୍ମ ବାବଦରେ ଜଣାଇଥିଲେ ମଧ୍ୟ ସାଧାରଣ ମାନବ ତାହାକୁ ଜାଣି ପାରିଲା ନାହିଁ କହିଲେ ଚଳିବ, ହେଲେ କେତେ କେତେ ଜ୍ଞାନୀମାନେ ଅଛନ୍ତି, ଧର୍ମଗୁରୁମାନେ ଅଛନ୍ତି, ସ୍ୱାମୀଜୀମାନେ ଅଛନ୍ତି କ'ଣ ସେମାନେ କର୍ମ ବିଷୟକୁ ଜାଣିପାରିଲେ ନାହିଁ ?

**ସମାଧାନ :-** କର୍ମ ରହସ୍ୟ ସମସ୍ତଙ୍କୁ ଜଣାନାହିଁ ବୋଲି ମୁଁ କାହିଁକି କହିବି । କର୍ମ ବାବଦରେ ଜାଣିଥିବା ଲୋକେ କେତେକ ଅଛନ୍ତି; ତଥାପି ଅନେକଙ୍କୁ ଜଣାନାହିଁ ବୋଲି କହିପାରିବା । କର୍ମ ନିୟମ ଜଣାଥିଲେ ଥିବା କର୍ମ ବନ୍ଧନରୁ ମୁକୁଳିଯାଇ ହେବ । ତାଛଡା କର୍ମ ବନ୍ଧନରେ ପଡିବାରୁ ମଧ୍ୟ ବଞ୍ଚିତ ରହିହେବ । ଆଜି କର୍ମ ବନ୍ଧନରୁ ମୁକୁଳିବା, କର୍ମବନ୍ଧନରେ ନ ପଡିବା ଲୋକମାନଙ୍କ ଅପେକ୍ଷା କର୍ମକୁ ଅଧିକରୁ ଅଧିକ ଅର୍ଜନ କରୁଥିବା ଲୋକମାନେ ହିଁ ଅଧିକ ଅଛନ୍ତି । କର୍ମ ଅର୍ଜନ କରିବା ପରେ ମଧ୍ୟ ତା' ବାବଦରେ ଥିବା ଜ୍ଞାନକୁ ନଜାଣିଲେ, କର୍ମ ଅନୁଭବରୁ କେହି ମୁକୁଳି ପାରିବେ ନାହିଁ । ପୂଜାକରି, ଶାନ୍ତି ବିଧି ଆଚରଣ କରି ମଧ୍ୟ କର୍ମ ବନ୍ଧନରୁ ଖସିଯାଇ ପାରିବା ନାହିଁ । କେତେବଡ ବ୍ୟକ୍ତି ହେଲେ ମଧ୍ୟ ସେ ଜ୍ଞାନ ନିକଟରେ ଅତିଛୋଟ, ତେଣୁ କର୍ମ ଅନୁଭବ ସମସ୍ତେ କରିବାକୁ ବାଧ୍ୟ ।

**୨୦) ପ୍ରଶ୍ନ :-** ଈଶ୍ୱର କହିଥିବା ଜ୍ଞାନ, କର୍ମ ନିୟମ ଯଦି ସହଜ ସରଳ ହୋଇ ରହିଛି, ସମସ୍ତେ ବୁଝିପାରିବା ଭଳି ଯଦି ଈଶ୍ୱର କରି ରଖିଛନ୍ତି, ତେବେ କାହିଁକି କେହି ବୁଝିନାହାନ୍ତି ବୋଲି କହୁଛନ୍ତି ? କିଛି ତ୍ରୁଟି ବଳକା ରହିଯାଇଛି କି ?

**ସମାଧାନ :-** ସବୁ ତ୍ରୁଟି ବୁଝିବାରେ ହିଁ ରହିଛି । ମଣିଷ କରୁଥିବା ପ୍ରତ୍ୟେକ ଛୋଟ ଭୁଲ୍ କୁ ପାପ ରୂପରେ, ପ୍ରତ୍ୟେକ ଛୋଟ ଭଲକାର୍ଯ୍ୟକୁ ପୁଣ୍ୟ ରୂପ ରେ ଲିପିବଦ୍ଧ କରିବା ପାତ୍ର ଅଛି ବୋଲି ଜାଣିବା ପର୍ଯ୍ୟନ୍ତ କିଛି ତ୍ରୁଟି ନାହିଁ । ହେଲେ ଲିପିବଦ୍ଧ ହେଉଥିବା କର୍ମ କେଉଁଠାରେ, କେତେବେଳେ ଅନୁଭବ କରୁଛେ ଜାଣିବାରେ ସମସ୍ତେ ଭୁଲ୍ ବୁଝୁଛନ୍ତି । ମୃତ୍ୟୁବରଣ କରିଥିବା ମଣିଷ ସମାଧିରୁ ଉଠିଥାଏ, ସେତେବେଳେ ସେ କରିଥିବା କର୍ମର ଦଣ୍ଡ ଭୋଗେ ବୋଲି ଈଶ୍ୱର ଜଣାଇଥିବା ଜ୍ଞାନକୁ ବୁଝିବାରେ ତ୍ରୁଟି ରଖିବା ଦ୍ୱାରା ବୁଝିନପାରି ଅନ୍ୟମାନେ ଯାହା କହୁଛନ୍ତି ତାହା ଶୁଣିବା ଦ୍ୱାରା ମଣିଷ ଭ୍ରାନ୍ତଧାରଣା ପାଇବା ଭଳି ହୋଇଯାଉଛି । କୋରାନର ୨୩ତମ ସୁରାରେ ଥିବା ୧୫ ଏବଂ ୧୬ତମ ଆୟତରେ କହିଛନ୍ତି ଯେ, (୧୫) **ଏହାପରେ ତୁମ୍ଭେ ନିଶ୍ଚୟ ମୃତ୍ୟୁ ଲାଭ କରିବ । (୧୬) ଏହାପରେ ତୁମ୍ଭେମାନେ ନିଶ୍ଚୟ କୟାମତ୍ ଦିନ ଉତ୍ଥିତ ହେବ** । ଏକଥା କୋରାନରେ ଅନେକ ଥର କୁହାଯାଇଛି । ୮୩ତମ ଅଧ୍ୟାୟରେ ଥିବା ୬ଷ୍ଠ ଆୟତରେ **"ଯେଉଁ ଦିନ ମାନବ ସମାଜ ସମସ୍ତ ଜଗତର ପାଳନକର୍ତ୍ତାଙ୍କ ସକାଶେ ଦଣ୍ଡାୟମାନ ହୋଇଥିବେ"** । ତା'ପୂର୍ବରୁ ୫ମ ଆୟତରେ **"ଏକ ମହାନ ଦିବସ"** ବୋଲି ଲେଖାଯାଇଛି । କେବଳ ଏହି ଦୁଇଟି ବାକ୍ୟରେ ସମସ୍ତ ଦୃଶ୍ୟ ହିଁ ବଦଳିଯାଇଛି । ଏହି ଦୁଇ ବାକ୍ୟରେ ବୁଝିବାରେ ଅସୁବିଧା ନଥିଲେ ମଧ୍ୟ ମୃତ୍ୟବରଣ କରିଥିବା ଲୋକମାନେ ପୁନରୁତ୍ଥାନ ଦିନ ବା କୟାମତ୍ ଦିନ ଉଠିବେ ବୋଲି ୨୩ତମ ସୁରାର ୧୫ ଏବଂ ୧୬ତମ ଆୟତକୁ ଅଲ୍ଲାଃ କହିଥିବା ଅନୁସାରେ ନବୁଝି ଭ୍ରାନ୍ତ ଧାରଣା ପାଇଛି, ଅଜ୍ଞାନତାରେ ପ୍ରବେଶ କରିଛି । କିଛିଲୋକ କିପରି ଏହାକୁ ବୁଝିଛନ୍ତି ଟିକିଏ ଆଲୋଚନା କରିବା ।

ମଣିଷ ମୃତ୍ୟୁବରଣ କରିବା ପରେ ତାକୁ ଭୂପୃଷ୍ଠରେ ଗାତଖୋଳି ପୋତି ଦିଆଯାଏ । ଏହିଭଳି ଏହି ପ୍ରପଞ୍ଚ ସୃଷ୍ଟିହେବା ଦିନରୁ ଅନେକଙ୍କୁ

ମଣିଷ ପୋତି ଦେଇଛି । ଯେଉଁମାନେ ପୋତା ଯାଇଥାନ୍ତି ସେମାନେ ପୋତାଯାଇଥିବା ସମାଧିରେ ସେହିଭଳି ରହିଥାନ୍ତି ବୋଲି ମୁସ୍ଲିମ୍ମାନେ, ଖ୍ରୀଷ୍ଟିଆନମାନେ ଭାବିଥାନ୍ତି । କୟାମତ୍ ଦିନ ସେହି ସମାଧିରୁ ଈଶ୍ୱର ସେମାନଙ୍କୁ ଉଠାଇ ଠିଆ କରିଥାନ୍ତି, ସେତେବେଳେ ସେ ଅର୍ଜନ କରିଥିବା କର୍ମଚିଠା ଦେଖି ଈଶ୍ୱର ସେମାନଙ୍କୁ ସନ୍ମାର୍ଗରେ କିମ୍ବା ନରକରେ ପକାଇଥାନ୍ତି ବୋଲି ଭାବୁଛନ୍ତି, କିନ୍ତୁ ଏଠାରେ ସମାଧିରୁ ଉଠାଇବା କଥା କ'ଣ ବୋଲି ନଜାଣି, ନବୁଝି ସମାଧି କହିଲେ ମାଟିରେ ପୋତାଯାଇଥିବା ମୃତ ମଣିଷର ଶରୀର ବୋଲି ବୁଝି ଭୁଲ୍ କରିଛନ୍ତି । କେହି ମୃତ୍ୟୁବରଣ କରିଥିବା ବେଳେ ଆମେ ତାର ଶରୀରକୁ ସିନା ମାଟିରେ ପୋତୁଛେ, ହେଲେ ଯିଏ ଶରୀରରୁ ଚାଲିଗଲା ତାକୁ ତ ପୋତୁ ନାହେଁ! ଶରୀରରେ ବାସ କରୁଥିବା ଜୀବ ଅଲଗା, ଶରୀର ଅଲଗା । ଜୀବ ଶରୀରକୁ ଛାଡିଲେ ମରଣ ହୋଇଥାଏ । ଜୀବ କୌଣସି ଶରୀରରେ ପ୍ରବେଶ କଲେ ଜନନ ବା ଜନ୍ମ ହୋଇଥାଏ । ଜୀବଟିଏ ଜନ୍ମହେବା ପାଇଁ ନୂଆ ଶରୀରଟିଏ ଆବଶ୍ୟକ ହୋଇଥାଏ । ମୃତ୍ୟୁବରଣ କରିଥିବା ବ୍ୟକ୍ତିକୁ ଶରୀରରେ ଉଠାଇଥାନ୍ତି କହିଲେ ତାହା ନୂଆ ଶରୀର ବୋଲି ନବୁଝି ମାଟିରେ ପୋତାଯାଇଥିବା ଶରୀର ଭାବିବା ସମ୍ପୂର୍ଣ୍ଣ ଅଜ୍ଞାନ ହୋଇଥାଏ । ମଣିଷ ମୃତ୍ୟୁବରଣ କରିବା ପରେ ତୁରନ୍ତ ତାକୁ ଈଶ୍ୱର ପାପପୁଣ୍ୟ ଅନୁସାରେ ଉପଯୋଗୀ ନୂଆ ଶରୀର ଦେଇ, ଭୂପୃଷ୍ଠରେ ହିଁ ଜନ୍ମ କରାଇଥାନ୍ତି, କେଉଁ ଅନ୍ୟ ଲୋକକୁ ପଠାଇନଥାନ୍ତି । ଯିଏ ଯେଉଁ ପ୍ରକାରର କର୍ମ କରିଥାଏ ସେହି ଅନୁସାରେ ସ୍ୱର୍ଗ କିମ୍ବା ନର୍କକୁ ଭୂପୃଷ୍ଠରେ ପ୍ରତ୍ୟକ୍ଷ ଭାବେ ଅନୁଭବ କରିଥାଏ । ସ୍ୱର୍ଗ ଆଉ ନର୍କ ଏଇ ଭୂପୃଷ୍ଠରେ ହିଁ ଅଛି ।

ପୁନରୁତ୍ଥାନ ଦିନ କହିଲେ ମୃତ୍ୟୁବରଣ କରି ଜନ୍ମହେବା ଦିନ । ମୃତ୍ୟୁବରଣ କରିବା ପରେ ସମସ୍ତେ ଜନ୍ମ ହୋଇଥାନ୍ତି । ମୃତ୍ୟୁବରଣ କରିବା କ୍ଷଣରେ ମାନବ କରିଥିବା କର୍ମ ପ୍ରାରବ୍ଧ ଭାବରେ ବଦଳି ତାର

ଜନ୍ମର କାରଣ ହୋଇଥାଏ । ମୃତ୍ୟୁବରଣ କରୁଥିବା ଜୀବମାନେ ନିଜର କର୍ମ ଅନୁସାରେ, ସେମାନଙ୍କ ସାଥିରେ ଥିବା ନିରୀକ୍ଷକ ଆତ୍ମା ଜନ୍ମ ନିର୍ଣ୍ଣୟ କରିଥାନ୍ତି । ଈଶ୍ୱର ସାକ୍ଷୀ ଭାବରେ ଦେଖିଥାନ୍ତି ଆଉ ଜୀବାତ୍ମା ତାର କର୍ମ ଅନୁସାରେ ଦୁଃଖ ସୁଖକୁ ଅନୁଭବ କରିବା ପାଇଁ ଜନ୍ମ ହୋଇଥାଏ । ମଣିଷ କରୁଥିବା ପୁଣ୍ୟ ଅନୁସାରେ ତା' ଅନୁଭବ ପାଇଁ ଈଶ୍ୱର ଏଇଠାରେ ସ୍ୱର୍ଗକୁ ତିଆରି କରି ରଖିଛନ୍ତି । ସେହିଭଳି ନରକକୁ ମଧ୍ୟ ଏଇଠାରେ ତିଆରି କରି ରଖିଛନ୍ତି । ସ୍ୱର୍ଗ ଅନୁଭବ କରୁଥିବା ଅନେକଙ୍କୁ ଆମେ ଏଇଠାରେ ଦେଖୁଛେ । ସେହିଭଳି ନର୍କ ଅନୁଭବ କରୁଥିବା ଲୋକମାନଙ୍କୁ ମଧ୍ୟ ଆମେ ଦେଖୁଛେ । ଆମେ ସ୍ୱର୍ଗ, ନର୍କକୁ ଏଇଠାରେ ଅନୁଭବ କରୁଥିବା ଲୋକମାନଙ୍କୁ ଦେଖୁଥିବା ବେଳେ, ତାହା ଅନ୍ୟ କେଉଁଠି ଅଛି ବୋଲି ଭାବିବା କଣ ଭୁଲ୍ ନୁହେଁ ? ପ୍ରଳୟ ଦିନରେ ମୃତ୍ୟୁବରଣ କରିଥିବା ଲୋକମାନେ ସମାଧିରୁ ଉଠିଥାନ୍ତି ବୋଲି ଈଶ୍ୱର କହିଥିବାବେଳେ, ତାଙ୍କ ବାଣୀକୁ ଗ୍ରହଣ କରି ନପାରି ଆମ ଇଚ୍ଛା ଅନୁସାରେ ଭାବିବା, କହିବା ଈଶ୍ୱରଙ୍କ ବାଣୀକୁ ଅବମାନନା କରିବା ଭଳି ହୁଏ ନାହିଁ କି ? ଏଭଳି ଅନ୍ୟମାନଙ୍କୁ ଅପମାର୍ଗରେ ନେଉଥିବା ଲୋକମାନଙ୍କୁ ଈଶ୍ୱର ୨ୟ ସୁରାର ୫୯ତମ ଆୟତରେ କହିବା ଭଳି ଶାପ ଦେଇଥାନ୍ତି । ପ୍ରଳୟଦିନ ବା କୟାମତ ଦିନ କହିଲେ ମୃତ୍ୟୁବରଣ କରିବା ଦିନ, ସମାଧିରୁ ଉଠିବା ଦିନ କହିଲେ ପୁନରୁତ୍ଥାନ ଦିନ ବା ମାତୃଗର୍ଭରୁ କିଛି ଜଣାନଥିବା ସ୍ଥିତିରେ ଜନ୍ମହେବା ଦିନ ବୋଲି ନବୁଝି କାହା କଥାକୁ ଶୁଣି ବିଶ୍ୱାସ କଲେ ଈଶ୍ୱର କହିଥିବା ଜ୍ଞାନକୁ ଅବମାନନା କରିବା ଭଳି ହୋଇଥାଏ । ସମାଧି ସ୍ଥିତିରୁ ଜନ୍ମ ହେଉଥିବା ଅନେକଙ୍କୁ ଆମେ ଦେଖୁଛେ । ସେହିଭଳି ପ୍ରଳୟ କହିଲେ ଶରୀରରେ ଥିବା ପଞ୍ଚଭୂତ ଯଥା (ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି)ରେ ପ୍ରଳୟ ସମ୍ଭବ ହୋଇ ମଣିଷ ମୃତ୍ୟୁବରଣ କରିବା ଆମେ ଦେଖୁଛେ । ସମାଧି କହିଲେ, ବାହାରେ ଥିବା କଫନ୍ (ମଣିଷ ମୃତ୍ୟୁବରଣ କରିବା

ପରେ ରଖାଯାଇଥିବା ବାକ୍ସ)କୁ ମାଟିରେ ପୋତିବା ବୋଲି ଭାବି ପ୍ରକୃତ ସମାଧିକୁ ମଣିଷ ଭୁଲିଯାଇଛି । ସେହିଭଳି ମରଣ ପର୍ଯ୍ୟନ୍ତ, ମରଣରୁ ଜନ୍ମ ପର୍ଯ୍ୟନ୍ତ ନେଇଆସି ସବୁବେଳେ ତୋ' ସାଥିରେ ଥିବା ଆତ୍ମାଙ୍କୁ ସମସ୍ତେ ଭୁଲିଯିବା ସମ୍ପୂର୍ଣ୍ଣ ଅଜ୍ଞାନ ହୋଇଥାଏ । ପ୍ରତ୍ୟେକ କର୍ମକୁ ତୋ'ପଛରେ ଥିବା ଆତ୍ମା ତୋର ନିରୀକ୍ଷକ ଭାବରେ ରହି, ଲେଖି, ତାପରେ ଜନ୍ମ ସମୟରେ ପ୍ରାରବ୍ଧକର୍ମ ଭାବରେ ବଦଳାଇ ଭୂପୃଷ୍ଠରେ ସୁଖ ଦୁଃଖକୁ ଅନୁଭବ କରାଉଥିବା ବେଳେ, କେହି ଦେଖିନଥିବା ସ୍ୱର୍ଗ, ନରକ (ନର୍କ)କୁ ଭାବନା କରି, ପ୍ରତ୍ୟକ୍ଷ ଅନୁଭବକୁ ଭୁଲିଯିବା ଅଜ୍ଞାନ ହୋଇଥାଏ । ଭୂମିରେ ପୋତାଯାଉଥିବା ନିର୍ଜୀବ ଶରୀରକୁ ସଜୀବ ଭାବରେ ତୁଳନା କରି ସେ ପୁଣି ସେହି ଶରୀରରେ ଉଠିଥାଏ ଭାବିବା ଅଜ୍ଞାନ ହୋଇଥାଏ । ପୁନରୁତ୍ଥାନ (କୟାମତ) ଦିନଟି ମୃତ୍ୟୁବରଣର ଦିନ ହେବାବେଳେ, ପ୍ରଳୟଦିନ ପୁଣିଥରେ ଉଠିଥାଅ ବୋଲି ଅଲ୍ଲାଃ ବା ଈଶ୍ୱର କହିଥିବା ବେଳେ, ମୃତ୍ୟୁବରଣ କରିଥିବା ଦିନରେ ଜନ୍ମ ହୋଇଥାନ୍ତି ବୋଲି ନବୁଝି ସୃଷ୍ଟି ଆରମ୍ଭରୁ ସମସ୍ତେ କବ୍ରସ୍ଥାନରେ ଶୋଉଛେ ଭାବିବା ଅଜ୍ଞାନ ହୋଇଥାଏ । ଦୈବଗ୍ରନ୍ଥ କୋରାନରେ କେଉଁଠାରେ ନଥିବା ବିଷୟକୁ ଆଣି ମଣିଷ କାହିଁକି ଏଭଳି ଭାବନା କରୁଛି ? ଈଶ୍ୱର ବା ପରମାତ୍ମା କହିଥିବା ଭାବକୁ ଛାଡି, ପ୍ରତ୍ୟକ୍ଷ ନରକକୁ ପରୋକ୍ଷ ଲୋକରେ ରହିଛି ବୋଲି ଭାବିବା ଅଜ୍ଞାନ ନୁହେଁ ତ ଆଉ କ'ଣ ? ନରକ ପରୋକ୍ଷ ନୁହେଁ, ପ୍ରତ୍ୟକ୍ଷ ଭାବରେ ରହିଛି କହିବା ପାଇଁ ଆଧାର ଭାବରେ କୋରାନର ୨ୟ ସୁରାର ୧୬୫ତମ ଆୟତକୁ ଦେଖନ୍ତୁ । ପବିତ୍ର କୋରାନ, ଓଡିଆ (୨-୧୬୫)- "ଯେଉଁମାନେ (ଏପରି)ଅତ୍ୟାଚର କରିଥାନ୍ତି, ଯଦି ସେମାନେ ସାସ୍ତିର ସମ୍ମୁଖୀନ ହେବା(ସମୟ) (କୌଣସି ଉପାୟରେ ସମ୍ପ୍ରତି) ଦେଖିବାକୁ ପାଇପାରନ୍ତେ (ତାହେଲେ ଜାଣିପାରନ୍ତେ) ଅଲ୍ଲାଃଙ୍କଠାରେ ହିଁ ସମସ୍ତ କ୍ଷମତା (ନିହିତ ଅଛି); ଓ ଅଲ୍ଲାଃ କଠିନ ଶାସ୍ତି ପ୍ରଦାନକାରୀ ଅଟନ୍ତି" ।

ଏଠାରେ ଈଶ୍ୱର ମଣିଷମାନେ ଦଣ୍ଡକୁ ପ୍ରତ୍ୟକ୍ଷ ଭାବରେ ଦେଖିବା ପୂର୍ବରୁ ଦୈବଜ୍ଞାନ ଏବେ ଜାଣି ପାରିଲେ କେତେ ଭଲ ହୁଅନ୍ତା ବୋଲି କହିଛନ୍ତି । ଏହି ବାକ୍ୟରୁ ନରକ ଦଣ୍ଡ ରୂପରେ, ଦୁଃଖ କଷ୍ଟ ରୂପରେ ଥାଏ ବୋଲି ବୁଝାଯାଉଛି । ମଣିଷ କରୁଥିବା କାର୍ଯ୍ୟରୁ କର୍ମଗୁଡିକ କର୍ମପତ୍ରରେ ଲିପିବଦ୍ଧ ହୋଇ ୩୨୪ ଫର୍ଦ୍ଦର ବଡ ଗ୍ରନ୍ଥଟିଏ ହୋଇ ରହିଛି, ସେହି ଗ୍ରନ୍ଥର କର୍ମ ଅନୁସାରେ ମଣିଷ ଭୁପୃଷ୍ଠରେ ପ୍ରତ୍ୟକ୍ଷ ନରକକୁ ଅନୁଭବ କରୁଛି ; ତଥାପି କର୍ମ କହିଲେ କ'ଣ ? କର୍ମକୁ କିଏ ଲେଖୁଛି ? ତାର କର୍ମକୁ ନେଇ କିଏ ଦଣ୍ଡବିଧାନ କରୁଛି ? ବୋଲି ନଜାଣି କେବଳ ଏଇ ଜନ୍ମ ହିଁ ସାର, ଆଉ ଜନ୍ମ ନାହିଁ, ପ୍ରଳୟ ଦିନ ପର୍ଯ୍ୟନ୍ତ ସମାଧିରେ ରହିବାକୁ ହେବ, ପ୍ରଳୟଦିନ ଏହି ଶରୀରରେ ଉଠିବାକୁ ହେବ ବୋଲି କହିବା କେତେଦୂର ଠିକ୍ ଆପଣମାନେ ବିଚାର କରନ୍ତୁ । ତୁ ଭାବିବା ଭଳି ଅଲ୍ଲାଃ କହିଛନ୍ତି କି ? ପ୍ରକୃତ ପ୍ରଳୟ ଦିନ କେବେ ଆସିବ ବୋଲି ଭାବି କାଳକୁ ବୃଥାକରି ଚାଲିବା ଅପେକ୍ଷା ମରଣ ଦିନ ହିଁ ପ୍ରଳୟ ଦିନ ବୋଲି, ପୁନର୍ବାର ଜନ୍ମ ହେବାକୁ ପୁନରୁତ୍ଥାନ ଦିନ ବୋଲି ତୁ କାହିଁକି ଭାବୁ ନାହୁଁ ? ଜନ୍ମ ମରଣ ଏବଂ ସବୁକିଛିର କାରଣ ଏହି କର୍ମ ବୋଲି କାହିଁକି ଜାଣିପାରୁ ନାହୁଁ ? ଏବେ ମଧ୍ୟ କିଛି ସମୟ ଅଛି, କର୍ମ କହିଲେ କ'ଣ, କର୍ମକୁ କିଏ ଲେଖୁଛି, କିଏ ଦଣ୍ଡ ଦେଉଛି ଜାଣ୍ । ନଚେତ୍ ନରକ କହିଲେ କ'ଣ ? କର୍ମ କହିଲେ କ'ଣ ? ଆଗକୁ ଟିକିଏ ଅନୁଭବ କରି ଜାଣ୍ । ଜାଣିବା ପରେ କୁକର୍ମ ପାଇଁ ସତର୍କ ରହ ।

**୨୧) ପ୍ରଶ୍ନ :-** ଜଣେ କିଛି ଭୁଲ୍ କଲା ବୋଲି ଭାବିବା । ସେତେବେଳେ ତାର କେତେ ପାପ ହେଉଛି ଆମେ କମିତି ଜାଣିବା ?

**ସମାଧାନ :-** କରାଯାଉଥିବା କାର୍ଯ୍ୟର ଭଲମନ୍ଦ ପ୍ରତ୍ୟକ୍ଷ ଭାବରେ ଜଣାପଡିଥାଏ । ହେଲେ କାର୍ଯ୍ୟର ଫଳ ମର୍ମ ଭାବରେ ରହିଥାଏ । ତାହା କାହାକୁ ମଧ୍ୟ ଜଣାପଡି ନଥାଏ । କେତେ ପାପ ହେଲା ତାହା ବୁଝିହୋଇ

ନଥାଏ । ଯେଉଁମାନେ ଜ୍ଞାନ ଦୃଷ୍ଟିରେ ଦେଖିଥାନ୍ତି ସେମାନେ ଗୋଟିଏ କାର୍ଯ୍ୟରେ ଏତିକି ପାପ ହେଉଛି ବୋଲି କିଛି ମାପ ତୁଳନା କରି କହିଲେ ମଧ୍ୟ, ସେତେବେଳ ପାଇଁ ସେକଥା ସତ୍ୟ ହେଲେହେଁ, ପରେ ତାହା ଅସତ୍ୟ ହୋଇଯାଇଥାଏ । ଥରେ ଗୋଟିଏ କାର୍ଯ୍ୟର ପାପକୁ ମାପି କହିପାରିବା ବେଳେ, ସେହି କାର୍ଯ୍ୟ ଆଉ କେତେବେଳେ ହେଲେ ସେହି କାର୍ଯ୍ୟର ମାପ ସମାନ ଆସିଥାଏ ବୋଲି କେତେକେ ଭାବିଥାନ୍ତି ସିନା, ସେହି କାର୍ଯ୍ୟକୁ ସେହି ବ୍ୟକ୍ତି କଲେ, ନଚେତ୍ ସେହି କାର୍ଯ୍ୟକୁ ଆଉ କେହି କଲେ ପ୍ରଥମେ ଆସିଥିବା ପାପ ହିଁ ଆସିବ ବୋଲି କହିପାରିବା ନାହିଁ । କାରଣ ! କାର୍ଯ୍ୟ କରିଥିବା ବ୍ୟକ୍ତିର ସେହି କାର୍ଯ୍ୟ ହେଉଥିବା ସମୟର ଭାବ ଅନୁସାରେ କର୍ମ ଆସିଥାଏ । ଜଣେ ବ୍ୟକ୍ତି ଏକ କାର୍ଯ୍ୟ କରିବାବେଳେ ଆସୁଥିବା ପାପ (କର୍ମ) ପରେ ସେହି କାର୍ଯ୍ୟକୁ ସେହି ବ୍ୟକ୍ତି କଲେ ମଧ୍ୟ ଆସୁଥିବା ପାପ ପ୍ରଥମେ ଆସିଥିବା ପାପଠାରୁ ଅଧିକ ହୋଇପାରେ କିମ୍ବା କମ୍ ହୋଇପାରେ । ପ୍ରଥମେ ସେହି କାର୍ଯ୍ୟ କରିବାବେଳେ ଥିବା ଭାବ, ଦ୍ୱିତୀୟ ଥର କରିବାବେଳେ ନଥିବା କାରଣରୁ, ଦ୍ୱିତୀୟ ଥର କରାଯାଇଥିବା କାର୍ଯ୍ୟ ଏକ ପ୍ରକାରର ହେଲେହେଁ ଆସୁଥିବା କର୍ମ ଅଳ୍ପ କିମ୍ବା ବହୁତ ହୋଇଥାଏ । ସେଥିପାଇଁ ଏଇ କାର୍ଯ୍ୟକଲେ ଏତିକି କର୍ମ ଆସିଥାଏ ବୋଲି କହିପାରିବା ନାହିଁ । କାର୍ଯ୍ୟ କଲାବେଳେ ଯେଉଁ ଭାବ ରହିଥାଏ ସେହି ଭାବ ଅନୁସାରେ କର୍ମ ସମ୍ଭବ ହୋଇଥାଏ । ଏକଥା ଯଦି ଭଲରେ ବୁଝି ନହେଉଛି ତେବେ ଉଦାହରଣଟିଏ କହୁଛି ଦେଖନ୍ତୁ ।

ତିନିଜଣ ଚୋର ଚୋରି କରିବାପାଇଁ ଗୋଟିଏ ରାସ୍ତାର ପାଖାପାଖି ଲୁଚି ବସିଛନ୍ତି ବୋଲି ଭାବିବା । ଦଶ ଦିନ ହେଲାଣି ସେହି ରାସ୍ତାରେ କେହି ଯାତ୍ରୀ ଆସିନଥିବାରୁ ସେମାନେ କାହାଠାରୁ ଚୋରି କରିପାରି ନାହାନ୍ତି । କାହାଠାରୁ କିଛି ଧନସମ୍ପତ୍ତି ସେମାନଙ୍କୁ ମିଳି ନାହିଁ । ଦଶ ଦିନ ପରେ ସେହି ରାସ୍ତାରେ ତିନିଜଣ ବାଟୋଇ ପାଦଯାତ୍ରା କରି ଆସୁଥିଲେ । ଆସୁଥିବା

ବାଟୋଇମାନଙ୍କ ପାଖରେ ତିନିଲକ୍ଷ ଟଙ୍କା ଥିଲା । ଅର୍ଥାତ୍ ସମସ୍ତଙ୍କ ପାଖରେ ଲକ୍ଷେ ଲେଖାଏଁ ଟଙ୍କା ଥିଲା । ତିନି ବାଟୋଇ ଚୋରମାନଙ୍କ ହାବୁଡରେ (ନଜରରେ) ପଡିଗଲେ । ଆସୁଥିବା ବାଟୋଇମାନଙ୍କୁ ଲୁଚି ଦେଖୁଥିବା ଚୋରମାନେ ଏକକାଳୀନ ଧରି ପକାଇବାକୁ ଚେଷ୍ଟାକଲେ । ବାଟୋଇମାନେ ତିନିଜଣ, ଚୋରମାନେ ମଧ୍ୟ ତିନିଜଣ । କିଛି ସମୟଧରି ଚୋରମାନେ ବାଟୋଇମାନଙ୍କୁ ଧମକଚମକ ଦେଖାଇଲେ । ଜଣେ ବାଟୋଇ ତା' ହାତରେ ଧରିଥିବା ବାଙ୍କୁଲିବାଡିରେ 'ବୀର' ନାମକ ଚୋରକୁ ଖୁବ୍ ଜୋରରେ ପିଟିଦେଲା । ସେତେବେଳେ ବୀର ନାମକ ଚୋର ଖୁବ୍ ରାଗିଯାଇ ତା ପାଖରେ ଥିବା ଛୁରୀରେ ବାଙ୍କୁଲିବାଡି ଧରି ଆସିଥିବା ବାଟୋଇର ପେଟକୁ ଭୂଷି ଜୀବନରେ ମାରିଦେଲା । ଆଉଜଣେ ବାଟୋଇ 'କେଳୁ' ନାମକ ଚୋର ସହିତ ବହୁତ ସମୟଧରି ଠେଲାପେଲା ହେବା ସମୟରେ ବାଟୋଇଟି ପଡିଗଲା । ପଡିଥିବା ସ୍ଥାନରେ ଗୋଟିଏ ବଡ ଗୋଜିଆ କଳାମୁଗୁନି ପଥର ଥିବାରୁ, ତା ମୁଣ୍ଡରେ ଶକ୍ତ ଆଘାତ ଲାଗିଯିବାରୁ ସେ ସାଙ୍ଗେ ସାଙ୍ଗେ ମୃତ୍ୟୁବରଣ କଲା, କିନ୍ତୁ କେଳୁ ଦ୍ୱିତୀୟ ବାଟୋଇକୁ ମାରିଦେଇ ଟଙ୍କା ଛଡାଇ ନେବାକୁ ଭାବି ନଥିଲା; ତଥାପି ଠେଲାପେଲା ସମୟରେ କେଳୁ ଦ୍ୱାରା ଠେଲିହୋଇ ୨ୟ ବାଟୋଇଟି ମୃତ୍ୟୁବରଣ କଲା ଆଉ ତୃତୀୟ ବାଟୋଇଟି ଏମାନେ ମୃତ୍ୟୁବରଣ କରିଥିବା ଦେଖି, ସେମାନଙ୍କ ଟଙ୍କା ଚୋରମାନେ ଲୁଟିନେବା ଦେଖି ଖୁବ୍ ଡରିଯାଇ 'ସୌକତ୍' ନାମକ ଚୋରକୁ ନିଜ ପାଖରେ ଥିବା ଲକ୍ଷେଟଙ୍କା ନେଇ ଆଗୁଆ ଦେଇଦେଲା । ତୃତୀୟ ବାଟୋଇଟି ସମର୍ପଣ ହୋଇ ଆଉ କୌଣସି ଯୁକ୍ତି ନକରି, ସେମାନଙ୍କ ସହିତ ଠେଲାପେଲା ନକରି ତା ପାଖରେ ଥିବା ଲକ୍ଷେଟଙ୍କା ସୌକତ୍‌କୁ ଦେଇଦେଲେ ମଧ୍ୟ ଟଙ୍କା ନେଇଯିବା ପରେ ସୌକତ୍ ସେହି ବାଟୋଇଟିକୁ ଜୀବନରେ ମାରିଦେଲା । ଶେଷରେ ତିନି ବାଟୋଇ ଚୋରମାନଙ୍କ ହାତରେ

ମୃତ୍ୟୁବରଣ କଲେ । ତିନିଚୋର ତିନି ବାଟୋଇଙ୍କୁ ମାରିଦେବା ଭଳି ହେଲା, ତଦ୍ୱାରା ତିନି ଚୋର ଜଣକେ ଲକ୍ଷେ ଲେଖାଏଁ ଟଙ୍କା ପାଇଲେ । ବୀର ଥିଲା ହିନ୍ଦୁ, କେଲୁ ଖ୍ରୀଷ୍ଟିଆନ ଏବଂ ସୌକତ୍ ଥିଲା ମୁସଲମାନ୍ । ତିନିଜଣ ଚୋର ତିନି ମତର ହେଲେ ମଧ୍ୟ ତିନି ସାଙ୍ଗ ଥିଲେ । ସେମାନେ ମିଶି କରୁଥିବା ବାଟଚୋରି ଦ୍ୱାରା ତିନି ବାଟୋଇ ମୃତ୍ୟୁବରଣ କଲେ ଏବଂ ତିନିସାଙ୍ଗ ଲକ୍ଷେ ଲେଖାଏଁ ଟଙ୍କା ହାସଲ କଲେ ।

ସେମାନଙ୍କୁ ମିଳିଥିବା ଟଙ୍କା ସମାନ ହେଲେ ମଧ୍ୟ ସେମାନେ ଅର୍ଜନ କରିଥିବା ହତ୍ୟାପାପ ସମାନ ନଥିଲା । ପ୍ରଥମ ଚୋର ହୋଇଥିବା ବୀରର ଅଧିକ ପାପ ହୋଇଛି, ଦ୍ୱିତୀୟ ଚୋର ହୋଇଥିବା କେଲୁର ଅନ୍ୟମାନଙ୍କ ଅପେକ୍ଷା କମ୍ ପାପ ହୋଇଛି । ୩ୟ ଚୋର ସୌକତ୍ର ସବୁଠାରୁ ଅଧିକ ପାପ ହୋଇଛି । ଏହାକୁ ଆଉ ଟିକିଏ ବିବରଣାତ୍ମକ ବୁଝିବାକୁ ଚେଷ୍ଟାକଲେ, ବୀରର ୮୦ ୟୁନିଟ୍ ପାପ, କେଲୁର ୪୦ ୟୁନିଟ୍ ପାପ ଏବଂ ସୌକତ୍ର ୧୦୦ୟୁନିଟ୍ ପାପ ହୋଇଛି । (ଆପଣମାନେ ବୁଝିବା ପାଇଁ ପାପକୁ ୟୁନିଟ୍ ଭାବରେ ତୁଳନା କରିଛୁ ସିନା ପାପକୁ ଏଭଳି ମାପିବା ଅସମ୍ଭବ) ପ୍ରଥମେ ଛୁରୀଭୂଷି ବାଟୋଇକୁ ମାରିଦେଇଥିବା ବୀର ଶତକଡା ୮୦ ୟୁନିଟ୍ ପାପ କାହିଁକି ଅର୍ଜନ କଲା ବୋଲି ବିଚାର କରି ଦେଖିଲେ, ବୀର ପ୍ରଥମେ ବାଟୋଇକୁ ମାରିଦେବା ପାଇଁ ଭାବି ନଥିଲା । ବାଟୋଇଠାରୁ ଜବରଦସ୍ତ ଛଡାଇ ଆଣିବାକୁ ଭାବିଥିଲା । ହେଲେ ବାଟୋଇ ତା ବାଡିରେ ପିଟିଦେବା ପରେ ବୀର ରାଗିଯାଇ ଛୁରୀ ଭୂଷିଦେଲା ସିନା, ବାଟୋଇକୁ ଜୀବନରେ ମାରିଦେବାକୁ ଭାବିନଥିଲା, ତା' ମଧ୍ୟ ପେଟରେ ନ ଭୂଷି ଶରୀରର ଅନ୍ୟ ସ୍ଥାନରେ ଭୂଷିବାକୁ ଚାହୁଁଥିଲା । କାରଣ ! ହୁଏତ ବାଟୋଇ ଭୟକରି ଟଙ୍କା ଦେଇଦେବ । ହେଲେ କଣ ହେବ ଛୁରୀ ସିଧା ବାଟୋଇର ପେଟରେ ବାଜିଲା, ବାଟୋଇ ମୃତ୍ୟୁବରଣ କଲା । ଏଠାରେ ବାଟୋଇ ତା' ବାଡିରେ ଖୁବ୍ ଜୋରରେ ବୀରକୁ ଜାଗା ଅଜାଗା ନମାନି

ପିଟିଥିଲା ତେଣୁ ବୀର ନିଜକୁ ବଞ୍ଚାଇବା ପାଇଁ ଛୁରୀ ଭୂଷିବାକୁ ବାଧ୍ୟ ହୋଇଥିଲା । ସେଥିଲାଗି ବାଟୋଇକୁ ମାରିଦେବାରେ ବୀରର ଶତକଡା ୮୦ ୟୁନିଟ୍ ପାପ ହେଲା । ଶତକଡା ୨୦ ୟୁନିଟ୍ କମିଜିବାର କାରଣ କ'ଣ କି! ସେ ତାକୁ ଜୀବନରେ ମାରିଦେବାକୁ ଚାହୁଁନଥିଲା; ତଥାପି ଘଟିଥିବା ଘଟଣାରେ ବାଟୋଇକୁ ମାରିଦେବା ଭାବ ନଥିବାରୁ ଶତକଡା ୨୦ ୟୁନିଟ୍ ପାପ କମିଯାଇ ଶତକଡା ୮୦ ୟୁନିଟ୍‌ର ପାପ ହୋଇଥିଲା ।

କେଲୁ ନାମକ ଖ୍ରୀଷ୍ଟିଆନ ଚୋର ବାଟୋଇକୁ ଖୁବ୍ ଜୋରରେ ଠେଲି ଦେଇଥିଲା ସିନା ସେ କଳାମୁଗୁନି ପଥରରେ ପଡି ମୁଣ୍ଡରେ ଆଘାତ ଲାଗି ମୃତ୍ୟୁବରଣ କରୁ ବୋଲି ଭାବିନଥିଲା । ତେଣୁ ଏ ଘଟଣାରେ ତାର ଭାବ ଶତକଡା ୪୦ ୟୁନିଟ୍ ହୋଇଛି ଏବଂ ଶତକଡା ୬୦ ୟୁନିଟ୍ ପାପ କମିଯାଇଛି । ତାପରେ ତୃତୀୟ ମୁସଲମାନ ଚୋର ସୌକତ ବିଷୟକୁଗଲେ, ବାଟୋଇ ତାର ସାଥିମାନେ ମରିଯିବାର ଦେଖି, ବୋଧହୁଏ ମୋତେ ମାରିଦେବେ ଭାବି ସୌକତ ପାଖରେ ସମର୍ପଣ ହୋଇ ପାଖରେ ଥିବା ଟଙ୍କାକୁ ନେଇ ଦେଇଥିଲେ ମଧ୍ୟ, ସୌକତ ଭାବିଲା ଯଦି ଏ ବାଟୋଇକୁ ଛାଡିଦିଆଯାଏ, ତେବେ ସେ ଯାଇ ପୋଲିସକୁ ସବୁ ସତକଥା କହିଦେବ, ଘଟିଥିବା ହତ୍ୟା ଘଟଣାର ଜୀବନ୍ତ ସାକ୍ଷୀ ହୋଇଯିବ । ତେଣୁ ଏହାକୁ ମାରିଦେଲେ "ବାଉଁଶ ନଥିବ କି ବଇଁଶି ବାଜିବ ନାହିଁ" । ତେଣୁ ସେହି ଏକମାତ୍ର ସାକ୍ଷୀକୁ ନଥିବାର କରିବା ପାଇଁ ସୌକତ ଉଦ୍ଦେଶ୍ୟ ପୂର୍ବକ ବାଟୋଇକୁ ମାରିଦେଲା । ତେଣୁ ଏଠାରେ ସୌକତର ଶତକଡା ୧୦୦ ୟୁନିଟ୍ ପାପ ହେଲା । "ଏଠାରେ ଭାବ ଅନୁସାରେ ପାପ (କର୍ମ) ଆସିଛି ସିନା କରିଥିବା କାର୍ଯ୍ୟ ଅନୁସାରେ କର୍ମ ଆସିନାହିଁ ବୋଲି ଜଣାଯାଉଛି" । ଏହି କାହାଣୀ ଅନୁସାରେ କର୍ମସୂତ୍ର ସୃଷ୍ଟି ହେଉଛି ଯେ, କାର୍ଯ୍ୟ ଦ୍ୱାରା କର୍ମ ଆସି ନଥାଏ, କେବଳ ଭାବ ଦ୍ୱାରା କର୍ମ ଆସିଥାଏ ।

କୌଣସି କାର୍ଯ୍ୟ ହେଲେ ମଧ୍ୟ କେବଳ ଭାବ ଦ୍ୱାରା କର୍ମ ସଞ୍ଚୟ ହୋଇଥାଏ ବୋଲି ଆଉ ଏକ ଘଟଣାରୁ ବୁଝିପାରିବେ । ଗୋଟିଏ ଗାଆଁରେ ବେଦବେଦାନ୍ତ ଜଣାଥିବା ଜଣେ ନୈଷ୍ଠିକ ବ୍ରାହ୍ମଣ ନିତ୍ୟଭାବରେ ବେଦପାଠ କରୁଥାଇ, ତାର ପ୍ରିୟ ଶିବଲିଙ୍ଗ ପୂଜା କରୁଥିଲା । ନିଜ ଘର ସାମ୍ନାରେ ଥିବା ଅଶ୍ୱତ୍ଥ ଗଛକୁ ମଧ୍ୟ ନିତ୍ୟ ଆରାଧନା ପୂର୍ବକ ପ୍ରଦକ୍ଷଣ କରୁଥିଲା । ସକାଳୁ ଉଠି କୌଣସି ଏକ ଦୈବରାଧନା କରି କାଳ କାଟୁଥିଲା, ସେହି ବ୍ରାହ୍ମଣର ଘର ପାଖରେ ଗୋଟିଏ ବେଶ୍ୟାର ଘର ଥିଲା, ବେଶ୍ୟା ଘରକୁ ସବୁଦିନ ତିନି କିମ୍ବା ଚାରିଜଣରୁ ଅଧିକ ବିଟମାନେ (ପୁରୁଷ ବେଶ୍ୟା) ଆସୁଥିଲେ ଏବଂ ବେଶ୍ୟା ସହିତ ସୁଖ କରି ଚାଲିଯାଉଥିଲେ, ସେହି ବେଶ୍ୟା ତାର ପେଟ ପୋଷିବା ପାଇଁ କୌଣସି ବାଟ ନପାଇ ବେଶ୍ୟାବୃତ୍ତିକୁ ଆପଣାର କରିନେଇଥିଲା । ଏହିଭଳି ତିନି ଚାରିଜଣ ବିଟଙ୍କୁ ନିଜ ଶରୀର ସୁଖ ଦେଉଥିବା ବେଶ୍ୟାଟି ନିଜେ ଯାହା କରୁଛି ତାହା ପାପକାର୍ଯ୍ୟ ବୋଲି ଭାବୁଥିଲା, ତା ଘର ପାଖରେ ଥିବା ବ୍ରାହ୍ମଣ ସବୁଦିନ କେତେ ଦେବତାଙ୍କୁ ପୂଜାକରି କେତେ ପୁଣ୍ୟକାର୍ଯ୍ୟ କରୁଛି ବୋଲି ଭାବୁଥିଲା । ଯେତେବେଳେ ଆରତୀ ସମୟରେ ଘଣ୍ଟିବାଜିବା ଶବ୍ଦ ବେଶ୍ୟାକୁ ଶୁଭୁଥିଲା ସେତେବେଳେ ସେ କେହି ବିଟ ସାଥିରେ ଶୋଇଥିଲେ ମଧ୍ୟ ବ୍ରାହ୍ମଣ କରୁଥିବା ପୂଜା କାର୍ଯ୍ୟକୁ ମନେ ପକାଉଥିଲା, ସେ ବିଟ ସାଥିରେ ନୀଚକାର୍ଯ୍ୟରେ ଥିଲେ ମଧ୍ୟ, ତାର ଧ୍ୟାନ ବ୍ରାହ୍ମଣ କରୁଥିବା ପୂଜାର୍ଚ୍ଚନାରେ ରହିଯାଉଥିଲା । ସେହିଭଳି ସେ ଶୃଙ୍ଗାର ଶଯ୍ୟାରେ ଥିଲେ ମଧ୍ୟ ତାର ମନ ସର୍ବଦା ଦୈବଚିନ୍ତନ ଏବଂ ପୂଜା ଉପରେ ରହୁଥିଲା ।

ବେଶ୍ୟାଘର ପାଖରେ ଥିବା ବ୍ରାହ୍ମଣ ତା'ଘର ପାଖରେ ଥିବା ଅଶ୍ୱତ୍ଥ ଗଛକୁ ପ୍ରଦକ୍ଷଣ କରୁଥାଇ ବେଶ୍ୟାଘରକୁ ଯାଉଥିବା ବିଟମାନଙ୍କୁ ଲକ୍ଷ୍ୟ କରୁଥିଲା । ଗୋଟିଏ ଦିଗରେ ସେ ପୂଜାକାର୍ଯ୍ୟ କରୁଥିଲେ ମଧ୍ୟ, ତାର ମନ ବେଶ୍ୟାଘରକୁ ଆସୁଥିବା ବିଟମାନଙ୍କ ଉପରେ ରହିଥିଲା ।

ବେଶ୍ୟା ପାଖକୁ ଆସୁଥିବା ବିଟ ସେଠାରୁ ଫେରି ନଯିବା ପର୍ଯ୍ୟନ୍ତ ବେଶ୍ୟାଘରେ କଣ ସବୁ ଘଟୁଥିବ ମନରେ ଭାବୁଥିଲା । ବ୍ରାହ୍ମଣର ପୂଜା ଶିବଙ୍କ ପାଇଁ ହେଉଥିଲେ ମଧ୍ୟ ଧ୍ୟାନ ଥିଲା ବେଶ୍ୟା ଉପରେ । ଏମିତି କିଛିବର୍ଷ ବିତିଗଲା । ଥରେ ବ୍ରାହ୍ମଣ ରହୁଥିବା ଗ୍ରାମରେ ହଇଜା (କଲେରା) ବ୍ୟାଧି ବ୍ୟାପିଗଲା, ସେ ଗାଆଁର ଅନେକ ଲୋକେ ମୃତ୍ୟୁବରଣ କଲେ । ଦିନେ ବ୍ରାହ୍ମଣ ରହୁଥିବା ଗଳିରେ ମଧ୍ୟ ହଇଜା ବ୍ୟାଧି ପ୍ରବେଶ କଲା, ଗୋଟିଏ ଦିନରେ ଉଭୟ ବ୍ରାହ୍ମଣ ଏବଂ ବେଶ୍ୟାଙ୍କୁ ହଇଜା ବ୍ୟାଧି ସଂକ୍ରମଣ ହେଲା । ତା ପରଦିନ ସେହି ଦୁଇଜଣ ମରିଗଲେ । ବ୍ରାହ୍ମଣ ଏବଂ ବେଶ୍ୟା ଏକାବେଳେ ମାତ୍ର ଦୁଇ ତିନି ମିନିଟ୍ ବ୍ୟାବଧାନରେ ମରିଗଲେ । ସେତେବେଳେ ବେଶ୍ୟା ଶରୀରରେ ଥିବା ଜୀବାତ୍ମାକୁ ନେବା ପାଇଁ, ବ୍ରାହ୍ମଣ ଶରୀରରେ ଥିବା ଜୀବାତ୍ମାକୁ ନେବାପାଇଁ ଗୋଟିଏ ଦିଗରୁ ଦେବଦୂତମାନେ, ଆଉ ଗୋଟିଏ ଦିଗରୁ ଯମଦୂତମାନେ ମଧ୍ୟ ଆସିଲେ, ହେଲେ ଯମଦୂତମାନେ ସିଧା ବ୍ରାହ୍ମଣଘରକୁ ଗଲେ, ଦେବଦୂତମାନେ ବେଶ୍ୟାଘରକୁ ଗଲେ । ସେତେବେଳେ ବ୍ରାହ୍ମଣ ତୁମେମାନେ ମୋ ଘରକୁ କାହିଁକି ଆସିଲ ବୋଲି ଯମଦୂତମାନଙ୍କୁ ପଚାରିଲା, ତାକଥା ଶୁଣି ଯମଦୂତମାନେ 'ତୋତେ ଯମଲୋକକୁ ନେଇ ନରକରେ ପକାଇବୁ' ବୋଲି କହିଲେ ।

ସେତେବଳେ ବ୍ରାହ୍ମଣର ଜୀବାତ୍ମା ସାମ୍ନାରେ ଥିବା ବେଶ୍ୟା ଘରକୁ ଦେବଦୂତମାନେ ଯିବା ଦେଖି, ସେମାନେ କାହିଁକି ବେଶ୍ୟାଘରକୁ ଯାଉଛନ୍ତି ବୋଲି ଯମଦୂତମାନଙ୍କୁ ପଚାରିଲା । ସେତେବେଳେ ସେମାନେ ବ୍ରାହ୍ମଣକୁ କହିଲେ, ସେମାନେ ହେଉଛନ୍ତି ଦେବଦୂତ, ସେ ଘରେ ମରିଯାଇଥିବା ସ୍ତ୍ରୀକୁ (ଜୀବକୁ) ସ୍ୱର୍ଗଲୋକକୁ ନେଇଯିବା ପାଇଁ ଯାଇଛନ୍ତି । ସେତେବେଳେ ବ୍ରାହ୍ମଣ ଆଶ୍ଚର୍ଯ୍ୟ ହୋଇ ବେଶ୍ୟାକୁ ସ୍ୱର୍ଗଲୋକକୁ, ମୋତେ ଯମଲୋକକୁ ! ବେଶ୍ୟା ତ ସବୁଦିନ ପାପ କାର୍ଯ୍ୟ କରୁଥିଲା, ମୁଁ ସବୁଦିନ ପୁଣ୍ୟକାର୍ଯ୍ୟ

କରୁଥିଲି ବୋଲି କହିବା ପରେ **"ଯମଦୂତମାନେ କହିଲେ କରୁଥିବା କାର୍ଯ୍ୟ ଅନୁସାରେ ପାପ ହେଉ ବା ପୁଣ୍ୟହେଉ ମିଳି ନଥାଏ । ମଣିଷଠାରେ ଥିବା ଭାବ ଦ୍ୱାରା ପାପପୁଣ୍ୟ ନାମକ କର୍ମ ମିଳିଥାଏ"** । ବ୍ରାହ୍ମଣ ଆରାଧନା କାର୍ଯ୍ୟ କରୁଥିଲେ ମଧ୍ୟ ତାର ମନକୁ ବେଶ୍ୟା ଘରେ ରଖିବା ଦ୍ୱାରା ତାର ଧ୍ୟାନ ଅନୁସାରେ ବ୍ରାହ୍ମଣର ପାପ ହୋଇଛି ବୋଲି ଯମଦୂତମାନେ କହିଲେ । ସେହିଭଳି ବେଶ୍ୟା ବିଟମାନଙ୍କ ସହିତ ରହି ପାପକାର୍ଯ୍ୟ କରୁଥିଲେ ମଧ୍ୟ, ତାର ସମସ୍ତ ଧ୍ୟାନ ବ୍ରାହ୍ମଣ କରୁଥିବା ପୂଜା ଉପରେ ରହୁଥିବାରୁ ବେଶ୍ୟାର ପୁଣ୍ୟ ହୋଇଛି ବୋଲି କହିଲେ । ସେକଥା ବେଶ୍ୟାକୁ ଦେବଦୂତମାନେ ମଧ୍ୟ କହି ତାକୁ ସ୍ୱର୍ଗଲୋକକୁ ନେଇଗଲେ । ଏହି କାହାଣୀକୁ ଦେଖିଲେ ଭାବଦ୍ୱାରା ପାପକର୍ମ ମିଳିଥାଏ ସିନା କାର୍ଯ୍ୟ ଦ୍ୱାରା ମିଳିନଥାଏ ବୋଲି ଜଣାଯାଉଛି (ଯମଦୂତ, ଦେବଦୂତ, ସ୍ୱର୍ଗ, ନର୍କ ଇତ୍ୟାଦି କେବଳ ପାଠକ ପାଠିକାମାନେ ବୁଝିବାପାଇଁ ଲେଖିଛୁ ସିନା ବାସ୍ତବରେ ଏସବୁ ଅନ୍ୟ କେଉଁଠି ନଥାଏ ।)

କର୍ମସୂତ୍ରକୁ ଲକ୍ଷ୍ୟକଲେ କର୍ମ (ପାପ ଏବଂ ପୁଣ୍ୟ) ଭାବ ଦ୍ୱାରା ସୃଷ୍ଟି ହୋଇଥାଏ ସିନା କାର୍ଯ୍ୟ ଦ୍ୱାରା ସୃଷ୍ଟି ହୋଇନଥାଏ ବୋଲି ଜଣାଯାଇଥାଏ । ଆମ କହିବା କଥାକୁ ବାଦ୍ ଦେଇ ଭଗବଦ୍ଗୀତାର ମୋକ୍ଷ ସନ୍ୟାସ ଯୋଗର ୧୭ତମ ଶ୍ଳୋକରେ ଭଗବାନ ଶ୍ରୀକୃଷ୍ଣ କଣ କହିଛନ୍ତି ଦେଖନ୍ତୁ ।

**ଯସ୍ୟ ନାହଂକୃତୋଭାବୋ ବୁଦ୍ଧିର୍ଯସ୍ୟ ନଲିପ୍ୟତେ ।**
**ହତ୍ୱାପି ସ ଇମାନ୍‌ଲୋକାନ୍ନ ନ ହନ୍ତି ନ ନିବଧ୍ୟତେ ॥**

ଏହି ଶ୍ଳୋକର ଭାବ ହେଉଛି ! **"ଯାହାର ଭାବରେ ଅହଂ ନାହିଁ, ଫଳ ଉପରେ ଆଶା ନାହିଁ, ସେ ଏଲୋକର ସମସ୍ତ ଲୋକଙ୍କୁ ମାରିଦେଲେ ମଧ୍ୟ, ହତ୍ୟାକରୀ ନୁହେଁ ଏବଂ ସେ କର୍ମବନ୍ଧନରେ ପଡିନଥାଏ"** । ଏଠାରେ କୁହାଯାଇଥିବା କାର୍ଯ୍ୟ ଛୋଟକାର୍ଯ୍ୟ ନୁହେଁ ।

"ଭୂପୃଷ୍ଠରେ ଥିବା ସମସ୍ତ ମଣିଷଙ୍କୁ ହତ୍ୟା କଲେ ମଧ୍ୟ" ବୋଲି କୁହାଯାଇଛି । ସମସ୍ତଙ୍କୁ ହତ୍ୟା କରିଦେବା ଭୟଙ୍କର ପାପକାର୍ଯ୍ୟ ବୋଲି ସମସ୍ତଙ୍କୁ ଜଣାଥାଏ । ଏଭଳି ବଡ ପାପ ହେଉଥିବା କାର୍ଯ୍ୟରେ ମଧ୍ୟ ଯଦି ଅହଂକାର ନାହିଁ, ହତ୍ୟାକଲେ ମଧ୍ୟ ସେ ପାପରେ ଭାଗୀଦାର ହୋଇନଥାଏ । ସେ ହତ୍ୟାକାରୀ ନୁହେଁ ବୋଲି ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ଅର୍ଥାତ୍ କାର୍ଯ୍ୟ ସହିତ କର୍ମର କୌଣସି ସମ୍ପର୍କ ନାହିଁ, କିନ୍ତୁ ଶରୀରରେ ଅହଂର ଭାବ ସହିତ କର୍ମର ଘନିଷ୍ଠ ସମ୍ପର୍କ ରହିଛି ବୋଲି ଜଣାପଡୁଛି ।

ଭଗବଦ୍ଗୀତାରେ କେବଳ ଭଗବାନ ଶ୍ରୀକୃଷ୍ଣ କାହିଁକି ଏକଥା ବାଇବେଲରେ ଯୀଶୁପ୍ରଭୁ ମଧ୍ୟ ଅନ୍ୟଏକ ଦିଗରୁ କହିଛନ୍ତି । ଯୀଶୁ କହିଥିବା ବାଣୀ, ଶ୍ରୀକୃଷ୍ଣ କହିଥିବା ବାଣୀ ଗୋଟିଏ ଅର୍ଥକୁ ସୂଚିତ କରୁଛି । ଯୀଶୁଙ୍କ ବାଣୀରେ ମଧ୍ୟ କର୍ମ କେବଳ ଭାବଦ୍ୱାରା ଆସିଥାଏ ବୋଲି ସ୍ପଷ୍ଟ ଜଣାପଡୁଛି । ମାଥିଉ ଲିଖିତ ସୁସମାଚାରର ୫ମ ଅଧ୍ୟାୟରେ ଥିବା ୨୮ତମ ବାକ୍ୟରେ ଲେଖାଅଛି ଯେ, **"ଜଣେ ସ୍ତ୍ରୀକୁ ମୋହ ଦୃଷ୍ଟିରେ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତି,ସେହି କ୍ଷଣରେ ନିଜ ହୃଦୟରେ ସେହି ସ୍ତ୍ରୀ ସହିତ ବ୍ୟଭିଚାର କରିବା ଭଳି ହୋଇଥାଏ"** । ଏହି ବାକ୍ୟରେ କାର୍ଯ୍ୟ ନକଲେ ମଧ୍ୟ ଭାବଦ୍ୱାରା ଭାବନା କରିବାରୁ ସେ ସତରେ ସେହି କାର୍ଯ୍ୟ କରିବା ଭଳି ହୋଇଥାଏ । ତାକୁ ବ୍ୟଭିଚାର ପାପ ଲାଗିଥାଏ । ଏହି କଥା ଗୀତାରେ କାର୍ଯ୍ୟ କଲେ ମଧ୍ୟ କରିଥିବା ଭାବ ନଥିଲେ, ସେ ନକରିଥିବା ବ୍ୟକ୍ତି ଭାବରେ ରହିଥାଏ ଏବଂ ସେ କର୍ମବନ୍ଧନରେ ପଡିନଥାଏ ବୋଲି କହିଛନ୍ତି । ଗୀତାରେ, ବାଇବେଲରେ ଥିବା ବାଣୀର ଉଦ୍ଦେଶ୍ୟ ଏକ ହେଲେ ହେଁ, ଗୀତାରେ କାର୍ଯ୍ୟ କଲେ ମଧ୍ୟ ପାପ ହୋଇ ନଥାଏ, ବାଇବେଲରେ କାର୍ଯ୍ୟ ନକଲେ ମଧ୍ୟ ପାପ ହୋଇଥାଏ ବୋଲି କୁହାଯାଇଛି । ଗୀତାରେ ଭାବ ନଥିଲେ, ବାଇବେଲରେ ଭାବ ଥିଲେ ବୋଲି କହିଛନ୍ତି । କହିଥିବା ବାକ୍ୟଗୁଡିକ ଆଗପଛ କରି, ପଛ ଆଗକରି କୁହାଯାଇଛି ସିନା ଦୁଇ

ବାକ୍ୟର ଅର୍ଥ ଗୋଟିଏ । କର୍ମସୂତ୍ର ଅନୁସାରେ କର୍ମ ଅର୍ଜନ ପାଇଁ କାର୍ଯ୍ୟ ମୁଖ୍ୟ ନୁହେଁ, ଭାବ ମୁଖ୍ୟ ବୋଲି କହିଛନ୍ତି । କାର୍ଯ୍ୟ କରିବା ଦ୍ୱାରା କର୍ମ ଆସି ନଥାଏ, ଭାବ ଦ୍ୱାରା ହିଁ କର୍ମ ଆସିଥାଏ । ଯିଏ ଭାବକୁ, କାର୍ଯ୍ୟକୁ ବିଭାଜନ କରି ଦେଖେ ଏବଂ ଭାବକୁ ଛାଡି କାର୍ଯ୍ୟ କରେ ସେ କର୍ମକୁ ଜିତିବା ଭଳି ହୋଇଥାଏ, ସେ ହିଁ କର୍ମଯୋଗୀ ହୋଇଥାଏ ।

ମଣିଷ ମୃତ୍ୟୁବରଣ କରିବା ପାଇଁ କିମ୍ବା ଜନ୍ମହେବା ପାଇଁ କର୍ମ ହିଁ କାରଣ ହୋଇ ରହିଛି । ମଣିଷ ଜନ୍ମମରଣ ଚକ୍ରରୁ ବାହାରକୁ ଆସିବା ପାଇଁ କର୍ମ ପ୍ରତିବନ୍ଧକ ହୋଇଥାଏ । କର୍ମକୁ ନଥିବା ଭଳି କରିଦେଲେ ଆଉ ଜନ୍ମହେବା ଆବଶ୍ୟକ ନଥାଏ । କର୍ମ ନଥିବା ବେଳେ ଜୀବ ଦୈବ-ସାନ୍ନିଧ୍ୟ ଲାଭ କରି ମୋକ୍ଷ ପାଇଥାଏ । ତେଣୁ ଆଧ୍ୟାତ୍ମିକ ବିଦ୍ୟାରେ କର୍ମକୁ ଜୟ କରିବା ମୁଖ୍ୟ ବିଷୟ ହୋଇ ରହିଛି । କର୍ମବନ୍ଧନ କିପରି ଆସିଥାଏ, ଜାଣିଗଲେ ତାହା ସହଜରେ ଜୟକରି ମୁକ୍ତିଲାଭ କରିହେବ । କର୍ମବନ୍ଧନ କେବଳ ଭାବ ଦ୍ୱାରା ହୋଇଥାଏ ସିନା କାର୍ଯ୍ୟଦ୍ୱାରା ହୋଇନଥାଏ ବୋଲି ସ୍ୱଷ୍ଟ ବୁଝି ହୋଇଯାଉଛି । ଅର୍ଥାତ୍ କାର୍ଯ୍ୟରୁ ଭାବକୁ ଗ୍ରହଣ ନକଲେ କର୍ମ ବନ୍ଧନ ନଥାଏ । କେବଳ ଭାବକୁ ବିନାଶ କରିବା ଦ୍ୱାରା କର୍ମକୁ ସହଜରେ ଜୟ କରିବା ଭଳି ଏତେ ସହଜ ଉପାୟ ଥିଲେ ମଧ୍ୟ, ଏ ବାବଦରେ ଜଣାନଥିବା ମଣିଷ ଭୁଲ୍ ବାଟକୁ ଆପଣାର କରି, ମୋକ୍ଷ ପାଇଁ, ନାନା ପୂଜା, ଯଜ୍ଞ, ବେଦପଠନ, ଦାନ, ତପସ୍ୟା ଇତ୍ୟାଦି କାର୍ଯ୍ୟମାନ କରିଥାଏ । କେତେକ ମେଡିଟେସନ୍ ନାମରେ ଧ୍ୟାନ କରିଥାନ୍ତି, ଆଉ କେତେକ ନାନା ପ୍ରକାରର ସାଧନା କରିଥାନ୍ତି । ଯେଉଁମାନେ ଆଧ୍ୟାତ୍ମିକ ବିଦ୍ୟାରେ ଉନ୍ନତ ବୋଲାଇଥାନ୍ତି ସେମାନେ ମଧ୍ୟ କେବଳ ଭାବକୁ ଛାଡି କାର୍ଯ୍ୟକଲେ, ଅର୍ଥାତ୍ ଭାବ ସାହାଯ୍ୟରେ କର୍ମକୁ ଜୟ କରାଯାଏ ବୋଲି ନଜାଣି, କେତେକ ଲଣ୍ଡାହୋଇ, କେତେକ ଜଟ ବଢାଇ, କେତେକ ଦାଢି ଛାଡି, କେତେକ

ବସ୍ତ୍ର ବଦଳାଇ, ଆଉକିଛି ଲଙ୍ଗଳା ହୋଇ, କିଛିଲୋକ ନାନା ତୀର୍ଥ ଯାତ୍ରା କରି, କେତେକ ପଙ୍କ ପାଉଁଶ ବୋଳି ହୋଇ ଏମିତି ନାନା ବିକୃତ, ବ୍ୟାକୁଳ ହୋଇ ମୋକ୍ଷ ପାଇଁ ଚେଷ୍ଟା କରିଚାଲିଛନ୍ତି । ଏମାନେ ଯାହା ମଧ୍ୟ କରନ୍ତୁ ତଦ୍ଦ୍ୱାରା କର୍ମ ବନ୍ଧନରୁ ମୁକୁଳିବା ଅସମ୍ଭବ, ପରମ ପୁରୁଷଙ୍କୁ ପାଇବା ସ୍ୱପ୍ନ, ସେମାନେ ଯେଉଁଦିନ କର୍ମ ରହିତ ହେବେ ସେଇଦିନ ହିଁ ଜନ୍ମରହିତ ହେବେ । କର୍ମରହିତ ହେବାପାଇଁ ଏସବୁ ଦରକାର ନଥାଏ । ତପସ୍ୟା, ଯଜ୍ଞ, ବେଦପଠନ, ଦାନ ଦ୍ୱାରା ମୋକ୍ଷ ମିଳିବା ଅସମ୍ଭବ ।

ସବୁଦିନ ମଣିଷ ଭାବଯୁକ୍ତ କାର୍ଯ୍ୟ କରିଥାଏ । ସେଥିଲାଗି କର୍ମ ବନ୍ଧନରେ ପଡିଥାଏ । ଏତେବେଳଯାଏଁ କର୍ମ ରହସ୍ୟ ନଜାଣି କରୁଥିଲେ ମଧ୍ୟ, ଏବେ ଜାଣିବା ଦ୍ୱାରା ଆସିବାକୁ ଥିବା କର୍ମକୁ ଅଟକାଇ ହେବ, କିନ୍ତୁ ଅର୍ଜନ କରିଥିବା କର୍ମକୁ ନିଶ୍ଚୟ ଅନୁଭବ କରିବାକୁ ପଡିବ ।

**୨୨) ପ୍ରଶ୍ନ :-** ଏହା ପୂର୍ବରୁ କରିଥିବା କାର୍ଯ୍ୟଗୁଡିକର କର୍ମ ଅନୁସାରେ ଲେଖାଯାଇଥିବା କର୍ମଗ୍ରନ୍ଥ ଥିବା ବେଳେ, ସେଥିରୁ ମୁକୁଳିବାର କୌଣସି ଉପାୟ ଅଛି ? ବର୍ତ୍ତମାନ ମିଳୁଥିବା କର୍ମକୁ ବିନାଶ କରିବା ପାଇଁ ସହଜ ବାଟଟିଏ ଥିବା ଭଳି, ଥିବା କର୍ମକୁ ଅନୁଭବ ନକରି ଖସିଯିବା ଉପାୟ କିଛି ଅଛି ?

**ସମାଧାନ :-** ଥିବା କର୍ମକୁ ଅନୁଭବ ନକରି ଖସିଯିବାର ଏକମାତ୍ର ଉପାୟ ପରମାତ୍ମା ରଖିଛନ୍ତି, ତାଛଡା ଭୂପୃଷ୍ଠରେ ଅନ୍ୟ କୌଣସି ମାର୍ଗ ନାହିଁ । ତେଣୁ କର୍ମକୁ ସମସ୍ତେ ନିହାତି ଭାବରେ ଅନୁଭବ କରିବାକୁ ପଡିଥାଏ । ଯିଏ ସମ୍ପୂର୍ଣ୍ଣ ଦୈବଜ୍ଞାନକୁ ଜାଣିଥାଏ, ସେ କର୍ମକୁ ଜୟ କରିବା ଉପାୟ ମଧ୍ୟ ଜାଣିଥାଏ । କର୍ମକୁ ଜୟ କରି, ତାହା ଅନୁଭବ ନକରି ଖସିଯିବା ପାଇଁ, ପରମାତ୍ମା ଗୀତାରେ ଗୋଟିଏ ଶ୍ଳୋକ କହିଛନ୍ତି । ତାହା ହେଉଛି ଜ୍ଞାନ ଯୋଗର ୩୭ତମ ଶ୍ଳୋକ । ଦେଖନ୍ତୁ ।

**ଯଥୈଧାଂସି ସମୀଧୋଽଗ୍ନି ଭସ୍ମଷାତ୍ କୁରୁତେଽର୍ଜୁନ ।**
**ଜ୍ଞାନାଗ୍ନି ସର୍ବକର୍ମାଣି ଭସ୍ମଷାତ୍ କୁରୁତେ ତଥା ॥**

ଏହି ଶ୍ଳୋକର ଭାବ ହେଉଛି ! **"ଅଗ୍ନିରେ ସମୀଧଗୁଡିକ ଜଳି ଯେଉଁଭଳି ପାଉଁଶ ହୋଇଯାଏ ସେହିଭଳି ଜ୍ଞାନ ନାମକ ଅଗ୍ନିରେ କର୍ମ ନାମକ କାଠ ଜଳିଯାଇଥାଏ"** ଏହି କଥା ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି । ତେଣୁ ଯିଏ ଦୈବଜ୍ଞାନକୁ ଜାଣିଯାଏ ସେ ଥିବା କର୍ମକୁ ବିନାଶ କରି ବିନା ଅନୁଭବରେ ଖସିଯାଇ ପାରେ । ପରମାତ୍ମା ଜ୍ଞାନ ବା ଦୈବଜ୍ଞାନ ଯିଏ ଜାଣିଥାଏ ତାର ଜ୍ଞାନ ଅଗ୍ନିଭଳି ପ୍ରକାଶିତ ହୋଇ କର୍ମକୁ ପୋଡିଦେଇଥାଏ । ଏହା ବ୍ୟତୀତ ଆଉ କୌଣସି ଅନ୍ୟମାର୍ଗ ନାହିଁ । ଯିଏ ପାପପୁଣ୍ୟରେ ଯୁକ୍ତ ଏବଂ ଜ୍ଞାନ ଜାଣିନାହିଁ ସେ ନିଶ୍ଚୟ କର୍ମକୁ ଅନୁଭବ କରିବାକୁ ପଡିବ । ଏକଥା ମଧ୍ୟ କୋରାନ ଗ୍ରନ୍ଥର ୪ର୍ଥ ସୂରାରେ ଥିବା ୧୧୧ତମ ବାକ୍ୟରେ **"ଯିଏ ପାପର ଗଣ୍ଠିଲି ବାନ୍ଧିଛି ସେ ଗଣ୍ଠିଲି ତା ମୁଣ୍ଡରେ ହିଁ ରଖାଯିବ"** । ଏହି ବାକ୍ୟ ଅନୁସାରେ ଯାହାର କର୍ମ ତାହାକୁ ହିଁ ଅନୁଭବ କରିବାକୁ ହେବ ବୋଲି ଜଣାଯାଉଛି । ଥିବା କର୍ମକୁ ଜୟ କରିବା ପାଇଁ ଏହି ୪ର୍ଥ ସୁରାର ୧୦୬ତମ ବାକ୍ୟରେ **"ପାପ କ୍ଷମାପଣ ପାଇଁ ଅଲ୍ଲାଃଙ୍କୁ ପ୍ରାର୍ଥନା କର୍; ନିଶ୍ଚୟ ଭାବରେ ଅଲ୍ଲାଃ କ୍ଷମାର ସାଗର; କୃପାଳୁ"** ବୋଲି ଲେଖାଯାଇଛି । ଅତୀତରେ କର୍ମ ଗ୍ରନ୍ଥରେ ଲେଖାଯାଇଥିବା କର୍ମକୁ ବିନାଶ କରିବା ପାଇଁ ପ୍ରଥମେ ଦୈବଜ୍ଞାନକୁ ଜାଣି ତାଙ୍କୁ ଶରଣ ଭିକ୍ଷା କଲେ କର୍ମଚକ୍ରରୁ କର୍ମ ବିନାଶ ହୋଇଯାଇଥାଏ । ପରମାତ୍ମା ସର୍ବସ୍ୱର ଅଧିପତି, ଅଧିକାରୀ, ତେଣୁ ସେ ଚହିଁଲେ ପଲକ ଭିତରେ କର୍ମକୁ ବିନାଶ କରିଦେଇ ପାରନ୍ତି ।

ଯଦି ମଣିଷ ଯାହା ଅର୍ଜନ କରିଛି ତାହା ଭୌତିକ ବା ପ୍ରାପଞ୍ଚିକ କର୍ମ ହୋଇଥାଏ ତେବେ ତାହା କ୍ଷମଣୀୟ ହୋଇପାରେ, କିନ୍ତୁ ତା'ନହୋଇ

ଯଦି ତାହା ଦୈବଦ୍ରୋହ ପାପ ହୋଇଥାଏ ତାହା କଦାପି କ୍ଷମା ହୋଇପାରି ନଥାଏ । ସେହି ବିଷୟକୁ ଜଣାଇ କୋରାନର ୪ର୍ଥ ସୁରାର ୧୦୭ତମ ବାକ୍ୟରେ **"ଯେଉଁମାନେ ଆତ୍ମଦ୍ରୋହ କରିଛନ୍ତି ସେମାନଙ୍କ ପକ୍ଷରୁ ଯୁକ୍ତି କର ନାହିଁ । ବିଶ୍ୱାସଘାତୀ ହୋଇ ଯେଉଁମାନେ ପାପପଙ୍କରେ ପୋତି ହୋଇଛନ୍ତି ଅଲ୍ଲାଃ କେବେ ମଧ୍ୟ ସେମାନଙ୍କୁ କ୍ଷମା କରିବେ ନାହିଁ ।"** ବୋଲି କହିବା ଦ୍ୱାରା ଦୈବଦ୍ରୋହ ଦ୍ୱାରା ଯେଉଁ ପାପ ହୋଇଯାଇଛି ତାହା କ୍ଷମା କରାଯାଇ ନପାରେ ବୋଲି ବୁଝାପଡୁଛି । ଏହି କଥାକୁ ବାଇବେଲ ଗ୍ରନ୍ଥରେ ମଧ୍ୟ ମାଥିଉ ଲିଖିତ ସୁସମାଚାରର ୧୨ତମ ଅଧ୍ୟାୟରେ ଥିବା ୩୨ତମ ବାକ୍ୟରେ **"ମନୁଷ୍ୟ କୁମାରଙ୍କ ବିରୁଦ୍ଧରେ ଯେଉଁମାନେ କଥା କହିଥା'ନ୍ତି ସେମାନଙ୍କ ପାପକୁ କ୍ଷମାକରାଯାଇ ପାରେ, କିନ୍ତୁ ପରିଶୁଦ୍ଧ ଆତ୍ମାଙ୍କ ବିରୁଦ୍ଧରେ ଯେଉଁମାନେ କହିଥା'ନ୍ତି ସେମାନଙ୍କ ପାପର କ୍ଷମା ନାହିଁ ।"** ବୋଲି କୁହାଯାଇଛି । ଏସବୁକୁ ଅନୁଧ୍ୟାନ କଲେ ଭୌତିକ ବିଷୟଗୁଡିକ ଜ୍ଞାନ ଅର୍ଜନ କରିବା ଦ୍ୱାରା କ୍ଷମା ହୋଇପାରିଥାଏ, କିନ୍ତୁ ଦୈବଦ୍ରୋହ ପାଇଁ କ୍ଷମା ନଥାଏ ବୋଲି ଜଣାଯାଉଛି । କର୍ମ ଏକ ଗ୍ରନ୍ଥ ଭଳି ଲେଖାହୋଇ ରହିଛି, ସେହି ଗ୍ରନ୍ଥରେ ଅନେକ ଫର୍ଦ୍ଦ ବା ପତ୍ରଗୁଡିଏ ରହିଛି, ସେଗୁଡିକ ହିସାବ କଲେ ୩୨୪ ଗୋଟି ହୋଇଥାଏ, ସେହିଭଳି ସେଥିରେ ୩୬ଗୋଟି ପାଠ୍ୟ ରହିଛି, ତାଛଡା କର୍ମଗ୍ରନ୍ଥଟି ତିନିଗୋଟି ଅଧ୍ୟାୟ ହୋଇ ରହିଛି । କର୍ମଗ୍ରନ୍ଥର ବିବରଣୀକୁ ଜାଣିଥିବା କୌଣସି ବ୍ୟକ୍ତି କର୍ମକୁ ସହଜରେ ଜିତିଯାଇ ପାରେ । କର୍ମ ମର୍ମ ଭାବରେ ଏବଂ ଭୟଙ୍କର ଭାବରେ ରହିଥାଏ । କର୍ମକୁ କେବଳ ଭାବ ଦ୍ୱାରା ଅର୍ଜନ କିମ୍ବା ବିନାଶ କରିହୁଏ । କର୍ମକୁ ଜୟ କରିବା ଶିଖିଗଲେ ଅତି ସହଜରେ ମୋକ୍ଷ ପାଇହୁଏ । ବାସ୍ କର୍ମର ରହସ୍ୟ ଏତିକି ।

**ସମାପ୍ତ**

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ !!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ ?
## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ

ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି** । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମୋନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ - ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?**

**ସେମାନଙ୍କ ସମାଧାନ** - ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ**

**ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆୟିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଳୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ – ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦିଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଞ୍ଚ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୁର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତୁମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ**

**ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୁର୍ଖଙ୍କଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ** – ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ**

**ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** - ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ - ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ**

**ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ** – ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା –** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂହ'ର ଅର୍ଥ ଅଛି, ହେଲେ 'ଶିଂହ'ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି **'ଇନ୍ଦୁ'**ର ଅର୍ଥ ଅଛି ସିନା **'ହିନ୍ଦୁ'**ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ

ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

## ଇନ୍ଦୁ ଜ୍ଞାନ ବେଦିକା, ପ୍ରବୋଧା ସେବା ସମିତି

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଦେବାଳୟ ରହସ୍ୟ

ପ୍ରପଞ୍ଚପଟରେ ଭାରତଦେଶ ଆଧ୍ୟାତ୍ମିକର ଏନ୍ତୁଡିଶାଳ ଭାବରେ କୁହାଯାଉଥିବା ଦକ୍ଷିଣ ଭାରତଦେଶ ସ୍ୱଚ୍ଛ ଐଶ୍ୱରୀୟ ଜ୍ଞାନର ନିଳୟ । ଦକ୍ଷିଣ ଭାରତଦେଶରେ ନିର୍ମିତ ହୋଇଥିବା ଦେବାଳୟଗୁଡିକ (ମନ୍ଦିରଗୁଡିକ), ସୃଷ୍ଟ୍ୟାରମ୍ଭରେ କୁହାଯାଇଥିବା ଐଶ୍ୱରୀୟ ଜ୍ଞାନର ସଙ୍କେତ ତଥା ସନ୍ଦେଶ ଭାବରେ ବିରାଜିତ । ଦେବାଳୟଗୁଡିକର ବିଧିବିଧାନ ଜଣାନଥିବା ଦୂର୍ଭାଗ୍ୟ ପରିସ୍ଥିତିରେ ଆମେ ଆଜି ରହିଛେ । ଆମ ଉତ୍ତରପିଢୀ ପଚାରୁଥିବା ପ୍ରଶ୍ନର ଉତ୍ତର ଦେଇପାରୁ ନଥିବା ସ୍ଥିତିରେ ଦେବାଳୟଗୁଡିକୁ ରଖି ଆମେ ହିଁ ତାହାକୁ ପ୍ରଶ୍ନାର୍ଥକ କରିଦେଉଛେ । ଆଧ୍ୟାତ୍ମିକ ରହସ୍ୟଗୁଡିକୁ ଦେବାଳୟଗୁଡିକର ପାଦେପାଦେ ସେଦିନର ଜ୍ଞାନୀମାନେ ଖଞ୍ଜିଥିବାବେଳେ, ସେଗୁଡିକୁ ଯେଉଁମାନେ ଖୋଜନ୍ତି ସେମାନଙ୍କୁ ସେହି ରହସ୍ୟଗୁଡିକ ଅଜଣା ରହିଯିବା ସମୟରେ ମରୁଭୂମିରେ ସବୁଜିମା ମିଳିଯିବା ଭଳି ଅପରୂପ ଆଧ୍ୟାତ୍ମିକକ ଗ୍ରନ୍ଥ ହୋଇ ଆମକୁ ମିଳିଯାଇଛି ଏହି "ଦେବାଳୟ ରହସ୍ୟ" ।

ଏହି ଗ୍ରନ୍ଥରେ ଦେବାଳୟର ମୁଖଶାଳାଠାରୁ ଆରମ୍ଭ କରି ଗର୍ଭଗୃହ ର ସାକାର ପ୍ରତିମା ପର୍ଯ୍ୟନ୍ତ ଏବଂ ପ୍ରତିମାର ପୂଜା ବିଧିରେ ଥିବା ପ୍ରତି କାର୍ଯ୍ୟକଳାପକୁ ସୁନ୍ଦରଶୈଳୀରେ ଶାସ୍ତ୍ରବଦ୍ଧ ବିବରଣୀ ଦିଆଯାଇଛି । ଏପର୍ଯ୍ୟନ୍ତ କେହି ଖୋଲି କହିପାରି ନଥିବା ଆଧ୍ୟାତ୍ମିକ ରହସ୍ୟର ଉନ୍ମୋଚନ କରି ସର୍ବପ୍ରଥମେ ପ୍ରବୋଧାନନ୍ଦ ଯୋଗୀଶ୍ୱର ସାରା ପ୍ରପଞ୍ଚକୁ (ଦୁନିଆକୁ) ଜଣାଇଛନ୍ତି ।

ରଚୟିତା : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

଼ଅବଶ୍ୟ ପାଠକରନ୍ତୁ                                   ପାଠକରାନ୍ତୁ

# ପ୍ରେତ - ଭୂତଙ୍କ ଯଥାର୍ଥ ସଙ୍ଘଟନା ।

ବିଜ୍ଞାନ ରଙ୍ଗମଞ୍ଚରେ ନାସ୍ତିକମାନଙ୍କ ଦୃଷ୍ଟି ନିକ୍ଷେପ, ଆଧ୍ୟାତ୍ମିକରେ ଆସ୍ତିକମାନଙ୍କ ଜ୍ଞାନୋଦୟ କରୁଥିବା ଏହି ଗ୍ରନ୍ଥଟି ମହା ଶକ୍ତିବନ୍ତ ଗ୍ରନ୍ଥ । ଏହି ଗ୍ରନ୍ଥକୁ ପାଠ ପଢିନଥିବା ଲୋକମାନେ ବିଶ୍ୱାସରେ ପାଖରେ ରଖିଲେ, ପାଠ ପଢିଥିବା ଲୋକମାନେ ଭକ୍ତିଭାବରେ ପଢିଲେ ଏଥିରୁ ଜ୍ଞାନ ଜାଣି ପାରିବା ସହିତ, ତା ପୂର୍ବରୁ କେଇଶହ ଟଙ୍କା ଖର୍ଚ୍ଚକରି ମଧ୍ୟ ଭଲ ହୋଇନଥିବା ରୋଗସବୁ ଚିକିତ୍ସା ନକରି ଭଲହୋଇଯାଏ । ଏହି ଗ୍ରନ୍ଥ ପାଠକଲେ ପ୍ରେତ କହିଲେ କଅଣ ଭୂତ କହିଲେ କଅଣ ଜଣାପଡିଯାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**